# ଭରସା ହରାଉଛି ଜଗନ୍ନାଥନଗର ଓଭରବ୍ରିଜ୍

**ବରପାଲି, ୫।୩ (ସମିସ)**

ଆଜକୁ ୫ ବର୍ଷ ହେଲା ବରପାଲି ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଧୀର ମନ୍ଥର ଗତିରେ ଚାଲୁଛି। ଏଥିପାଇଁ ସହରବାସୀ ଘୋର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଆଖପାଖ ଗ୍ରାମାଞ୍ଚଳ ସହ ପଡ଼ୋଶୀ ସୁବର୍ଣ୍ଣପୁର ଜିଲ୍ଲାର ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜନସାଧାରଣଙ୍କ ସୁବିଧା ପାଇଁ ନିର୍ମାଣାଧୀନ ଏହି ଓଭରବ୍ରିଜ୍ ପାଇଁ ଅଞ୍ଚଳବାସୀ ବର୍ତ୍ତମାନ ଅସନ୍ତୋଷ ପ୍ରକଟ କରିବା ଆରମ୍ଭ କରି ଦେଇଛନ୍ତି। ଓଭରବ୍ରିଜ୍ ନିର୍ମାଣ କାମ ପାଇଁ ଯାତାୟାତ ବାଧାପ୍ରାପ୍ତ ହେଉଛି। ତା'ସହ ସହର ମଧ୍ୟରେ ସୁଗମ ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି।

ଓଭରବ୍ରିଜର ଉଭୟ ପାର୍ଶ୍ୱରେ ଲୋକଙ୍କ ଯିବାଆସିବା ପାଇଁ ନିର୍ମାଣାଧୀନ ଅସ୍ଥାୟୀ ଫେୟାରୱେଦର ରାସ୍ତା ନାମକୁ ମାତ୍ର ପଡିରହିଛି; ଯାହା କି ଅଚଳାବସ୍ଥାରେ ରହିଛି। ବର୍ତ୍ତମାନ ସ୍ଥାନର ସଠିକ ବ୍ୟବସ୍ଥା ନଥିବାରୁ ରାସ୍ତା ଉପରେ ସିମେଣ୍ଟ କଂକ୍ରିଟ ଗ୍ରାଇଣ୍ଡର ରଖାଯାଇ କାମ ଚାଲୁ ରହିଛି। ଫଳରେ ଯାନବାହନ ସହ ସ୍କୁଲବସ ଓ ଆମ୍ବୁଲାନ୍ସ, ସାଧାରଣ ଯାତ୍ରୀ ଫସି ରହି ଯାଉଛନ୍ତି। ଜରୁରୀ ତଥା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଯିବାଆସିବା କରୁଥିବା ଯାତ୍ରୀମାନେ ଏହି ସ୍ଥାରେ ବହୁ ଅସୁବିଧାରେ ଫସି ରହୁଛନ୍ତି।





### କୁହୁଳୁଛି ଅଞ୍ଚଳବାସୀଙ୍କ ଅସନ୍ତୋଷ

ଗତ ୨୦୧୯ରେ ଅଞ୍ଚଳବାସୀଙ୍କ ବହୁଦିନର ଆଶା ଓ ଦାବିକୁ ସାକାର କରିବା ଉଦ୍ଦେଶ୍ୟରେ ରେଳ ଓଭରବ୍ରିଜଟି ଆରମ୍ଭ ହୋଇଥିଲା। ବରପାଲି ସହ ଆଖପାଖ ଅଞ୍ଚଳବାସୀଙ୍କ ମନରେ ଉଠିଥିବା ଖୁସି ବର୍ତ୍ତମାନ ନୈରାଶ୍ୟରେ ପରିଣତ ହୋଇଯାଇଛି। ବ୍ରିଜର ମୂଖ୍ୟରାସ୍ତା ଉଭୟ ପଟର ଫେଆରୱେଦର ରାସ୍ତାଦ୍ୱୟରେ ଗମନାଗମନ ବନ୍ଦ କରାଯାଇ କାନ୍ଥ ଉଠା କାମ ଜାରି ରହିଛି। ଏହାର ନିର୍ମାଣ ପାଇଁ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉ ନଥିବା ବେଳେ ଭାରୀ ଯାନବାହନ ସହ ବସ ଟ୍ରକ ମାନ ଚଳାଚଳ ହେଉଛି।

ପ୍ରକାଶ ଥାଉକି ସମସ୍ୟାକୁ ନେଇ ଗତ ଫେବୃୟାରୀ ୨୨ ତାରିଖ ବରଗଡ଼ ଜିଲ୍ଲାପାଳଙ୍କ ସ୍ୱାକ୍ଷର ରହିଥିବା ଭାରୀ ଯାନବାହନ ଚଳାଚଳ ଉପରେ ନିଷେଧାଦେଶ ଜାରୀ ହୋଇଥିଲା। ହଜାରହଜାର ଯାନବାହନ ଏହି ରାସ୍ତାରେ ପ୍ରତିଦିନ ଚଳପ୍ରଚଳ କରୁଛି। ବରଗଡ଼ ତଥା ଛତିଶଗଡ଼ର ଗୋଟିଏ ପ୍ରାନ୍ତକୁ ଜଗନ୍ନାଥଧାମ୍ ପୁରୀ ସହ ସଂଯୋଗ କରୁଥିବା ଏହି ସ୍ଥାନରେ ବର୍ତ୍ତମାନ ନିର୍ମାଣାଧୀନ ରେଲୱେ ଓଭରବ୍ରିଜ୍ (ଆର୍ ଓବି) ସୁବିଧା କରିବା ପରିବର୍ତ୍ତେ ସମସ୍ୟା ସୃଷ୍ଟି କରୁଛି। କେବେ ଏହି କାର୍ଯ୍ୟ ସରିବ ତାକୁ ନେଇ ମଧ୍ୟ ଅନିଶ୍ଚିତତା ରହିଛି। ସେନେଇ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଥିଲା ବେଳେ କାର୍ଯ୍ୟର ଶେଷ ଅବଧି ଅସ୍ପଷ୍ଟ ରହିଛି। ମନଇଚ୍ଛା ଠିକାସଂସ୍ଥା ପକ୍ଷରୁ କାର୍ଯ୍ୟ ଚାଲିଛି। ରେଳବାଇ ମଧ୍ୟ ଏ ଦିଗରେ ବିଶେଷ ସଚେତନ କିମ୍ବା ତତ୍ପର ରହୁ ନଥିବା ଜଣାପଡୁଛି। ଏହି ଧାରା ଜାରି ରହିଲେ ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ଅସନ୍ତୋଷ ଉଗ୍ର ରୂପ ନେବାର ଆଶଙ୍କା ମଧ୍ୟ ପ୍ରକାଶ ପାଇଛି।

ରାସ୍ତାଟି ରାଜ୍ୟ ରାଜପଥ ମାନ୍ୟତା ପାଇଥିବା ବେଳେ ସୋହେଲାରୁ ପୁରୀ ଜଗନ୍ନାଥ ଧାମ ପର୍ଯ୍ୟନ୍ତ ଯୋଗାଯୋଗ ରହିଛି। ବ୍ରିଜ ସହ ରାସ୍ତାକାମ ଚାଲୁଥିବା ଯୋଗୁଁ ଯାନବାହନ ଡୁଙ୍ଗୁରିପାଲି ବାଟଦେଇ ସୋନପୁର, ପୁରୀ ଯିବା ପାଇଁ ବାଧ୍ୟ ହେଉଛନ୍ତି। ପୁଣି ବ୍ଲକ ଅଞ୍ଚଳର ସିର୍କିଡ଼ି, ସତଲମା, ବାରଙ୍ଗପାଲି, ବରପାଲି ସହ ବୌଦ୍ଧ, ସୋନପୁର, ସୋହେଲା ଅଞ୍ଚଳବାସୀଙ୍କ ଯୋଗାଯୋଗ ଏବଂ ଗମନାଗମନରେ ସଦାସର୍ବଦା ପ୍ରତିବନ୍ଧକ ସୃଷ୍ଟି କରିଛି ଏହି ନିର୍ମାଣାଧୀନ ଓଭରବ୍ରିଜ୍।

ଅନ୍ୟପକ୍ଷରେ, ଜଗନ୍ନାଥ ନଗର ପଟ ଓଭରବ୍ରିଜ ପାଇଁ ସ୍ଲୋପ୍ ରାସ୍ତା ନିର୍ମାଣ କାମ ଆରମ୍ଭ ହେଲେ ଭାରୀଯାନ ତ ଦୂରର କଥା ସାଧାରଣ ମୋଟରସାଇକଲ ଟିଏ ମଧ୍ୟ ଯାତାୟତ କରିବା ଅସମ୍ଭବ ହେବ। କାରଣ ଓଭରବ୍ରିଜ ଆପ୍ରୋଚ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ସେହି ଅନୁପାତରେ ସ୍ଥାନର ଅଭାବ ରହିଥିବା ଯୋଗୁଁ କୌଣସି ଚାରିଚକିଆ ଯାନ ଯାତାୟାତ ହୋଇ ପାରିବ ନାହିଁ। ଜଗନ୍ନାଥନଗର ପଟୁ କାର୍ଯ୍ୟ ଆରମ୍ଭ ହେଲେ ହଜାର ହଜାର ଲୋକଙ୍କ ସମେତ ଯାନବାହନଗୁଡ଼ିକ ଗତାଗତ କରିବ କେମିତି ବୋଲି ପ୍ରଶ୍ନବାଚି ସୃଷ୍ଟି କରୁଛି। ପ୍ରସାସନ ଏହି କ୍ଷେତ୍ରରେ ବିଧିବଦ୍ଧ ଭାବରେ ଗୁରୁତ୍ୱର ସହ କାର୍ଯ୍ୟଦକ୍ଷତା ଦେଖାଇବା ନିମନ୍ତେ ଦାବି ହେଉଛି।

## ମହଦାରେ ଗୁରୁତର ହେଉଛି ଜଳାଭାବ ସମସ୍ୟା

**ବରପାଲି, ୫।୩ (ସମିସ):** ବରପାଲି ବ୍ଲକ ମହଦା ଗ୍ରାମରେ ପାନୀୟଜଳର ଘୋର ଅଭାବ ଲାଗି ରହିଛି। ଗତ ଛଅ ମାସ ହେଲା ସମସ୍ୟାଟି ଗୁରୁତର ରୂପ ନେବା ସହ ଅଞ୍ଚଳବାସୀଙ୍କୁ ଦହଗଞ୍ଜ କରୁଛି। ୨୬ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାକଡରେ ବିଛା ଯାଇଥିବା ପାଣି ପାଇପ ଗୁଡିକ ଫାଟି ଯାଇଥିଲା। ପରେ ଗ୍ରାମବାସୀଙ୍କ ସହ ସରପଞ୍ଚ, ସମିତିସଭ୍ୟ ଆରଡବ୍ଲୁଏସଏସ ବିଭାଗ ସହ ବ୍ଲକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଚକ୍କର କାଟିବା ସାର ହୋଇଥିଲା। ଆଜକୁ ସମସ୍ୟାଟି ଛଅମାସ ବିତିଯାଇଥିଲେ ସୁଦ୍ଧା ଆଜିକାଲି ହୋଇ ସମାଧାନର ବାଟ ଫିଟିପାରିଲା ନାହିଁ। ପୂର୍ବରୁ ଆଦିବାସୀ ନେତା ଗୋବର୍ଦ୍ଧନ ଭୋଇଙ୍କ ଉପସ୍ଥିତିରେ ପ୍ରତିକାର ନିମନ୍ତେ ଏକ ଆଲୋଚନା ସଭା ହୋଇଥିଲା। ଗତ ୪ ତାରିଖ ସମସ୍ୟାକୁ ନେଇ ଗ୍ରାମର ପୁରୁଷ ମହିଳା ମିଳିତ ଭାବେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ ଦାବି କରିଥିଲେ। ଜିଲ୍ଲାପାଳ ସମସ୍ୟାର ତର୍ଜମା କରିବା ସହ ତୁରନ୍ତ ବ୍ଲକ ପ୍ରସାସନକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ; ହେଲେ ମଧ୍ୟ ଏବେ ସୁଦ୍ଧା ଜଳାଭାବ ସମସ୍ୟାକୁ ବ୍ଲକ୍ ପ୍ରଶାସନ ଦୂର କରିପାରି ନାହିଁ। ଫଳରେ ଅଞ୍ଚଳରେ ଅସନ୍ତୋଷ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି।

# ଆନ୍ତର୍ଜାତିକ ମହିଳା ଦିବସ ପାଇଁ ପ୍ରସ୍ତୁତି

**ବରଗଡ଼, ୫।୩ (ସମିସ)**

- ସମ୍ପୂର୍ଣ୍ଣ ଶରୀର ଦାନକରି ସମ୍ବର୍ଦ୍ଧିତ ହେବେ ସାମ୍ବାଦିକ ଓ ତାଙ୍କ ଧର୍ମପତ୍ନୀ
- ୩୪ ଜଣ ମହିଳାଙ୍କୁ ସମ୍ମାନିତ କରିବ ଜନକଲ୍ୟାଣ ପରିଷଦ

ବରିଷ୍ଠ ସାମ୍ବାଦିକ ତୁଳସୀ ଚରଣ ଦାଶ ଓ ତାଙ୍କ ଧର୍ମପତ୍ନୀ କମଳା ଦାଶ ମୃତ୍ୟୁ ପରେ ନିଜର ସମ୍ପୂର୍ଣ୍ଣ ଶରୀର ଦାନକରିବା ପାଇଁ ଚୁକ୍ତି କରିଛନ୍ତି। ଆସନ୍ତା ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଏହି ଦମ୍ପତିକୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରଖାଯାଇଛି। ବରଗଡର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ବିଶ୍ୱ ମହିଳା ଦିବସ ପାଳନ କରାଯିବ। ଏବର୍ଷ ୩୪ ଜଣ ମହିଳା ସମାଜସେବୀଙ୍କୁ ଗାଁ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଜନକଲ୍ୟାଣ ସେବା ଟ୍ରଷ୍ଟର ମିଡିଆ ସେଲ୍‌ର ପ୍ରମୁଖ ମନିଷା ଶର୍ମା ସୂଚନା ପ୍ରଦାନ କରିଛନ୍ତି। ଏ ବର୍ଷ ବରଗଡ଼ର ଅଗ୍ରଣୀ ବିଦ୍ୟାଳୟ ରେନବୋ ପବ୍ଲିକ ସ୍କୁଲଠାରେ ସକାଳ ୯ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ପ୍ରଦାନ କରଯାଇଛି। ବୈଠକରେ ମୁଖ୍ୟ ଉପଦେଷ୍ଟା ଶିବାନନ୍ଦ ମଟାରୀ, ବୃନ୍ଦାବନ ବେହେରା, ସଂଯୁକ୍ତା ଶତପଥୀ, ହିମାଂଶୁ ଶେଖର ମେହେର, ରୀନା ବାଗ, ମନିଷା ଶର୍ମା, ଶ୍ୟାମସୁନ୍ଦର ମେହେର, ଡଃ ଅଜିତ ନାଥ, ଡଃ ସୁଜିତ ଶତପଥି, ପରେଶ ମେହେର ପ୍ରମୁଖ ଯୋଗଦାନ କରିଥିଲେ।





# ଜିଲ୍ଲାପାଳ ଅଫିସ ଛକରେ ଆରମ୍ଭହେଲା ମିଲେଟ ଶକ୍ତି କାଫେ

**ବରଗଡ଼, ୫।୩ (ସମିସ):** ବରଗଡ ଗାନ୍ଧୀ ଛକ ନିକଟସ୍ଥ ଜିଲ୍ଲାପାଳ କାର୍ଯ୍ୟାଳୟ ଛକ ୱାର୍ଡ ନମ୍ବର ୯ରେ ମିଲେଟ୍ ଶକ୍ତି କାଫେ ଲୋକାର୍ପିତ ହୋଇଯାଇଛି। ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ରାସ୍ତା କଡରେ ନବନିର୍ମିତ ଏହି ମିଲେଟ୍ କେଫେରେ ମାଣ୍ଡିଆ ଜାତ ସୁସ୍ୱାଦୁ ଖାଦ୍ୟ ଦ୍ରବ୍ୟ ଉପଲବ୍ଧ ହେବା ସହ ଜନସାଧାରଣଙ୍କ ପାଇଁ ବହୁ ଉପଯୋଗୀ ହେବ ବୋଲି ଶ୍ରୀ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ଡ଼ ପ୍ରଭାସ ସିଂ, ପୌରାଧକ୍ଷା କଳ୍ପନା ମାଝୀ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଉପନଗରପାଳ ରାଜେଶ ଅଗ୍ରୱାଲ, ସ୍ଥାନୀୟ କାଉନସିଲର ପ୍ରିୟା ତାଣ୍ଡି, ପୂର୍ବତନ କାଉନସିଲର ସୁଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିବା ବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାବୃନ୍ଦ ଉପସ୍ଥିତ ଥିଲେ।





# ଜୟନ୍ତୀରେ ବିଜୁ ବାବୁଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୫।୩(ସମିସ)

ଓଡ଼ିଶା ସ୍ୱାଭିମାନର ପ୍ରତୀକ, ମହାନ ଜନନାୟକ, ରାଷ୍ଟ୍ରନୀତିଜ୍ଞ, ପ୍ରବାଦ ପୁରୁଷ, ଆଧୁନିକ ଓଡ଼ିଶାର ନିର୍ମାତା, ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ବିଜୁ ଜନତା ଦଳ ସମ୍ବଲପୁର ତରଫରୁ ରେମେଡ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ବିଜୁ ବାବୁଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ବଲପୁର ଜିଲ୍ଲା ସଂଯୋଜକ ଇଂ.ସିଦ୍ଧାର୍ଥ ଦାସ, ରେଢ଼ାଖୋଲ ବିଧାୟକ ଇଂ.ରୋହିତ ପୂଜାରୀ, ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପର୍ଯ୍ୟବେକ୍ଷ ସୌଭାଗ୍ୟ ନାୟକ, କାଳିଆ ଯୋଜନା ଉପଦେଷ୍ଟା ସଞ୍ଜୟ ବାବୁ, ସମ୍ବଲପୁର ମହାନଗର ବିଜେଡି ସଭାପତି ସତୀଶ ବିଶି, ମହିଳା ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ମିନତୀ ଦେବତା, ଜିଲ୍ଲା ବିଜେଡି ଉପସଭାପତି ଅଶୋକ ମହାକୁର, ସୁମନ୍ତର ପଣ୍ଡା, ବସନ୍ତ ମିଶ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ, ଦିଲୀପ ଦାଶ, ସୁରେନ୍ଦ୍ର ବିଶ୍ୱାଳ, ଭୋଲା ମହନ୍ତମ, ମହିଳା ବିଜେଡି ସମ୍ବଲପୁର ଜୋନ ସଭାନେତ୍ରୀ ସିପ୍ରା ମହାନ୍ତି, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ବନ୍ଦିତା ମିଶ୍ର, ମହିଳା ବିଜେଡି ମହାନଗର ସଭାନେତ୍ରୀ ସଂଯୁକ୍ତା ମେହେର, ମହିଳା ବିଜେଡି ଜିଲ୍ଲା ଉପସଭାନେତ୍ରୀ ସୁବର୍ଣ୍ଣ ନାୟକ, ସ୍ପେସିଆଲ ଡେଭେଲପମେଣ୍ଟ କାଉନ୍ସିଲ ଉପାଧ୍ୟକ୍ଷ ରାଖୀ ମୁଣ୍ଡା, ବରିଷ୍ଠ ନେତା ଗୋକୁଳ ମେହେର, ଭବାନୀ ବାବୁ, ଭାସ୍କର ଦାଶ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଧର୍ମରାଜ ମରେଇ, ଯୁବ ବିଜେଡି ସମ୍ବଲପୁର ଜୋନ ସଭାପତି ମିଳନ ହୋତା, ଯୁବ ବିଜେଡି ଜିଲ୍ଲା ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଯୁବ ବିଜେଡି ଜିଲ୍ଲା ସମ୍ପାଦକ ଇଂ.ଦୀନେଶ ସେଠ, ମଞ୍ଜୁ ଓରାମ, ଯୁବ ବିଜେଡି ମହାନଗର ସଭାପତି ନିଶାନ୍ତ ବହିଦାର, ଯୁବ ନେତା ଲିଙ୍ଗରାଜ ତ୍ରିପାଠୀ, ଇଂ.ନିଶିଥ ଆକାଶ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଭିମନ୍ୟୁ ରାଉତ, ମୁକେଶ ପ୍ରଧାନ, ବନମାଳୀ ନାଗ, ସୁବାଷ ଜେନା, ନରେଶ ଭରଦ୍ୱାଜ, ଗୋପାଳ ମିଶ୍ର, ଜୟନାରାୟଣ ନାଗ, ବିନୟ ତନ୍ତୀ, ପ୍ରତାପ ତପନ ବେହେରା, ପ୍ରଶାନ୍ତ ନାୟକ, ସତ୍ୟଜିତ ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ଏହି ଅବସରରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଇଂ.ସିଦ୍ଧାର୍ଥ ଦାସ କହିଛନ୍ତି ସମାଜର ସବୁ ବର୍ଗର ଲୋକଙ୍କୁ ନେଇ ବିକାଶକୁ ବଳିଷ୍ଠ କରିବା ଲାଗି ବିଜୁ ବାବୁ ଆଙ୍କିଥିବା ନକ୍ସା ଏବେ ମଧ୍ୟ ଆମ ସମସ୍ତଙ୍କୁ ବାଟ ଦେଖାଉଛି। ସ୍ୱର୍ଗତ ବିଜୁ ବାବୁ ଭାରତର ଏକତା ଅଖଣ୍ଡତା, ଧର୍ମନିରପେକ୍ଷତା ତଥା କୃଷି, ଶିଳ୍ପ ଓ ମାନବ ସମ୍ବଳ ବିକାଶ ଦିଗରେ ନିରନ୍ତର ପ୍ରୟାସ କରିଥିଲେ। ବିଜୁ ବାବୁ ଓଡ଼ିଶା ବିକାଶର ବିଶ୍ୱକର୍ମା ଥିଲେ। ମହିଳା ସଶକ୍ତିକରଣ ଦିଗରେ ସେ ତମାମ ଦେଶରେ ଇତିହାସ ସୃଷ୍ଟି କରିଥିଲେ। ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡ଼ିଶାକୁ ଭାରତର ଅଗ୍ରଣୀ ରାଜ୍ୟରେ ପରିଣତ କରିବା ସହ ଲୋକଙ୍କ ସେବାରେ ନିଜ ଜୀବନ ଉତ୍ସର୍ଗ କରିଥିଲେ। ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ଗଣତନ୍ତ୍ରରେ ସାଧାରଣ ଲୋକଙ୍କୁ ସେମାନଙ୍କ ହକ, ଅଧିକାର ପ୍ରଦାନ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ନିଜ ଅବଦାନ ପାଇଁ ବିଜୁ ବାବୁ ସର୍ବଦା ସ୍ମରଣୀୟ ରହିବେ। ବିଜୁ ପଟ୍ଟନାୟକଙ୍କ ସ୍ୱାଭିମାନ ଓ ନୀତିଆଦର୍ଶକୁ ପାଥେୟ କରି ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ 'ନବୀନ ଓଡ଼ିଶା' ଗଠନ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।




## ବିଜୁ ଜୟନ୍ତୀରେ ଗ୍ରୀନ ଆସୋସିଏସନ ପକ୍ଷରୁ ରକ୍ତଦାନ ଶିବିର

**ସମ୍ବଲପୁର, ୫।୩(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଅବସରରେ ଗ୍ରୀନ ଆସୋସିଏସନ ରେଙ୍ଗାଲି ଓ ନେତାଜୀ କ୍ଲବ ପକ୍ଷରୁ ଜମାଦାରପାଲିଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ସର୍ବମୋଟ ୧୦୮ ୟୁନିଟ ରକ୍ତ ସଂଗୃହୀତ କରାଯିବା ନେଇ ଆରମ୍ଭରୁ ଲକ୍ଷ ରଖାଯାଇଥିବାବେଳେ ତାହା ପୂରଣ ହୋଇଛି। ଗତ ବର୍ଷ ମଧ୍ୟ ୧୦୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ନେଇ ଆୟୋଜକମାନେ ସୂଚନା ଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ଗ୍ରୀନ ଆସୋସିଏସନ ତରଫରୁ ରେଙ୍ଗାଲି ସରପଞ୍ଚ ସଂଘ ସଭାପତି ଚିତ୍ତରଞ୍ଜନ ବାଗ୍, ମିଥୁନ ହୋତା, ଜମାଦାରପାଲିର ସନତ ବାର୍ଲା, ସହଦେବ ଓରାମ, ଜୁଗଲ ବନଛୋର, ଚିତ୍ତରଞ୍ଜନ ଭୋଇ, ସୁବ୍ରତ ପ୍ରଧାନ, ସୁରଜ ଛତ୍ରିଆ, ଓକିଲେ ସେଖ, ପୁଲସ୍ତି ଜଗଦଲ୍ଲା, ସନ୍ତୋଷ ସୁନା, ଅଶୋକ ସିକନ୍ଦର, ରାଜା ଯୋଗୀ, ରିଙ୍କୁ ମିର୍ଦ୍ଧା, ଦୀପକ ନାଏକ, ରାଜା ସିକନ୍ଦର, ଚୁଡାମଣି ପୋଡ, ଗଣେଷ ମିର୍ଦ୍ଧା ଓ ସ୍ଥାନୀୟ ଯୁବକମାନେ ସହଯୋଗ କରିଥିଲେ।

**୧୦୮ ୟୁନିଟ ରକ୍ତ ସଂଗ୍ରହ**



# ବୁର୍ଲାରେ ବିଜୁ ବାବୁଙ୍କ ଜୟନ୍ତୀ

**ବୁର୍ଲା, ୫।୩(ସମିସ):** ବିଜେଡି ପକ୍ଷରୁ ଆଜି ସକାଳ ୯.୦୦ ମିନିଟ ସମୟରେ ପ୍ରବାଦ ପୁରୁଷ, ମହାନ ଜନନାୟକ, ରାଷ୍ଟ୍ରବାଦୀ ନେତା, ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ବିଜୁ ବାବୁଙ୍କର ୧୦୮ ତମ ଜନ୍ମ ଦିବସ ପାଳନ କରାଯାଇଛି। ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଥିବା ବିଜୁ ବାବୁଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ, ଜିଲ୍ଲା ବିଜେଡି ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ବୁର୍ଲା ବିଜେଡି ବରିଷ୍ଠ ନେତା ପ୍ରଦୀପ କୁମାର ମିଶ୍ର, ପ୍ରଫୁଲ୍ଲ ନାୟକ, ନବ ରାଉତ, ଲାଲ ମୋହନ ମହାନ୍ତି, କ୍ରିଷ୍ଣା ରେଡି, ଲକ୍ଷ୍ମୀ ମହାନ୍ତି, ରୋମୀ ମହାପାତ୍ର, କିଶୋର ଦେବତା, ମେଦିନୀ ନାଏକ, ଦୁର୍ଯ୍ୟୋଧନ ସେଠି, ସୁକାନ୍ତ ପଟ୍ଟନାୟକ, ଜ୍ୟୋତି ତ୍ରିପାଠୀ, ଦୀପ୍ତି ମଲିକ, ରାଜୁ ଭୋଇ, ଗୋପାଳ ଆପଟ, ବବଲୁ କାଦରୀ, ସୁଶାନ୍ତ ମିଶ୍ର, ବିଶୁ ପଟ୍ଟନାୟକ, ଗୌତମ ବେହେରା, ଶ୍ୟାମ ନାୟକ, ଦୀପକ ପ୍ରଧାନ, ରାକେଶ ବିଶ୍ୱାସ, ମନୋଜ ଲୁହା, ଫିରୁ ରାଉତ, ବିନୋଦ ମେହେର, ନାରୀ ନେତ୍ରୀ ଅନିତା ନାଏକ, ଶାନ୍ତି କର, ରୁନୁ ନାୟକ, ବଜୟନ୍ତୀ ପାଢ଼ୀ, ସବିତା ନାଏକ, ଚାଞ୍ଚଲା ସେଠି, ମୋନାଲିସା ପଣ୍ଡା, ଗୀତା ପ୍ରଧାନ, ସାରଳା ପାତ୍ର, ରଶ୍ମିତା ନାୟକ, କିରଣ ନାଏକ, ନମିତା ପାତ୍ର ଅନନ୍ୟା ଉପସ୍ଥିତ ରହି ପୁଷ୍ପମାଲ୍ୟା ସହ ବିଜୁ ବାବୁଙ୍କ ସ୍ମୃତି ଉଚ୍ଚାରଣ କରିଥିଲେ।



# ବିଜୁ ସ୍ମୃତି କମିଟି ପକ୍ଷରୁ ଜୟନ୍ତୀ

**ସମ୍ବଲପୁର, ୫।୩(ସମିସ):** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୮ତମ ଜୟନ୍ତୀ ଆଜି ସ୍ଥାନୀୟ ବିଜୁ ସ୍ମୃତି କମିଟି ଠାରେ ପାଳନ ହୋଇ ଯାଇଛି। ବିଜୁ ବାବୁଙ୍କ ଫୋଟ ଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁବାବୁଙ୍କ ସ୍ମୃତି ଚାରଣ କରାଯାଇଥିଲା। ଏହି ଅବସରରେ ସମ୍ବଲପୁର ରେଙ୍ଗାଲି ପର୍ଯ୍ୟବେକ୍ଷକ ସୋଭାଗ୍ୟ ନାୟକ, କାଳିଆ କୃଷି କୃଷକ ସଶକ୍ତିକରଣ ବିଭାଗର ଉପଦେଷ୍ଟା ତଥା ବିଜେଡ଼ି ମୁଖପାତ୍ର ସଞ୍ଜୟ କୁମାର ବାବୁ, ବିଜୁ ସ୍ମୃତି କମିଟି ଆବାହକ ପ୍ରଶାନ୍ତ ଥାପା, ବିଜୁ ସ୍ମୃତି କମିଟି ଉପସଭାପତି ସତ୍ୟେନ୍ଦ୍ର ଦାଶ, ବିଜୁ ସ୍ମୃତି କମିଟି ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ, ବରିଷ୍ଠ ବିଜେଡ଼ି ନେତା ପ୍ରଫୁଲ କୁମାର ଦାଶ, ଶେଷଦେବ ଗୁରୁ, ମାୟାଧର ଜେନା, ଅଶୋକ ମିଶ୍ର, ବିକ୍ରମ ରଞ୍ଜିତ, ସୁଧୀର ଦାଶ, ମାନରଞ୍ଜନ ମହାକୁଡ଼, ଆନନ୍ଦ କୁମାର, ତପନ ଦାଶ, ଯଦୁମଣି ନାଗ, ସୁନୀଲ ପଟ୍ଟନାୟକ, ଶୁଶାନ୍ତ ମିଶ୍ର, ଦାମଧର ମଲ୍ଲିକ ଓ ସୁଧୀର ନାୟକ ପ୍ରମୁଖ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ବିଜୁ ପ୍ରିମିୟମ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବୁର୍ଲା, ୫।୩(ସମିସ):** ସମ୍ବଲପୁରର ବିଭିନ୍ନ ସ୍ଥାନରେ ଆଜି ପ୍ରବାଦ ପୁରୁଷ, ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ବିଜୁ ବାବୁଙ୍କର ୧୦୮ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ବୁର୍ଲା ବିଜୁ ପଟ୍ଟନାୟକ ଷ୍ଟାଡିଅମ ଠାରେ ବିଜୁ ପ୍ରିମିୟମ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟ ବିଜେଡି ଛାତ୍ର ସଭାପତି ରାଜେଶ ରାଜ ସ୍ୱାଇଁ, ବିଜେଡି ଜୋନାଲ ସମ୍ପାଦକ ମିଲନ ହୋତା, ସମ୍ବଲପୁର ବିଜେଡି ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ବୁର୍ଲା ବିଜେଡି ବରିଷ୍ଠ ନେତା ପ୍ରଦୀପ କୁମାର ମିଶ୍ର, ବିଜେଡି ନେତା ଧିରେନ ଦେବତା ସହ ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ମାଁ ସମଲେଶ୍ୱରୀ ଏବଂ ବିଜୁ ବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଟୁର୍ଣ୍ଣାମେଣ୍ଟର ଶୁଭ ଉଦଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଯୁବ ଏବଂ ଛାତ୍ର ନେତା ନରେଶ ବାରିକ, ରାମ ଚନ୍ଦ୍ର ମହାକୁଡ଼, ମୋହିତ ଦାସ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଛାତ୍ର ନେତା ଗୌତମ ବେହେରା, ଦୀପ୍ତି କାନ୍ତ ମଲିକ, ଶ୍ୟାମ ନାୟକ, ସୋନୁ ସାହା, ସୁରଜ ବାଦୀ ସମସ୍ତ ଦାୟିତ୍ୱ ତୁଲାଇଥିଲେ। ବିଜୁ ପଟ୍ଟନାୟକ ଷ୍ଟାଡିୟମର ସମ୍ପାଦକ ଲକ୍ଷ୍ମୀ ମହାନ୍ତି ସମସ୍ତ ସହଯୋଗ କରିଥିଲେ। ଶିବ ପ୍ରସାଦ ପାଢ଼ୀ, ଚନ୍ଦ୍ର ଶେଖର ରେଡି ଅନ୍ୟାନ ଯୁବ, ଛାତ୍ର ନେତା ଉପସ୍ଥିତ ଥିଲେ। ମ୍ୟାଚ ଦେଖିବା ପାଇଁ ବହୁ ମାତ୍ରରେ ବୁର୍ଲା ଖେଳ ପ୍ରେମୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।




## ପୋଖରୀ ଖନନକୁ ନେଇ ମାରପିଟ, ୨ କୋର୍ଟ ଚାଲାଣ

**ସମ୍ବଲପୁର, ୫।୩(ସମିସ):** ଅଇଁଠାପାଲି ଅନ୍ତର୍ଗତ ନୁଆପାଲି ଗ୍ରାମରେ ପୋଖରୀ ଖନନ କାର୍ଯ୍ୟ ହେଉଥିବା ନେଇ ଦୁଇପକ୍ଷ ମଧ୍ୟରେ ଝଗଡ଼ା ହୋଇଥିଲା। ଗ୍ରାମର ଅତିଷ କୁମାର ସାହୁ ଓ ନିଲୁ ବଢେଇ ମଧ୍ୟରେ ଝଗଡ଼ା ହୋଇଥିଲା। ଉଭୟ ପକ୍ଷରୁ ଅଇଁଠାପାଲି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ଉଭୟ ପକ୍ଷର ଅତିସ ଏବଂ ନିଲୁ ବଢେଇକୁ କୋର୍ଟ ଚାଲାଣ କରିଥିବା ଅଇଁଠାପାଲି ପୁଲିସ ପ୍ରକାଶ କରିଛି।

## ଫଳ ଚାଷ ସମ୍ପର୍କିତ ଜାତୀୟ କର୍ମଶାଳାରେ ୫ ଅଗ୍ରଣୀ ଚାଷୀ

**ସମ୍ବଲପୁର, ୫।୩ (ସମିସ):** ହରିଆଣାର କୁରୁକ୍ଷେତ୍ରରେ ଚାଲିଥିବା ଫଳ ଚାଷ ଜନିତ ୨ ଦିନିଆ ଜାତୀୟ କର୍ମଶାଳା ଓ ତାଲିମ୍ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଉନ୍ନତ ପ୍ରଣାଳୀରେ ଫଳ ଚାଷ ଉପରେ କାର୍ଯ୍ୟ କରୁଥିବା ସମ୍ବଲପୁରର ଅଭିନବ କୃଷି ଅନୁଷ୍ଠାନ ଦ୍ୱାରା ଫଳ ଗବେଷଣା କେନ୍ଦ୍ର ଲଡୱା, କୁରୁକ୍ଷେତ୍ର ସହାଭାଗୀତାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଜାତୀୟ କର୍ମଶାଳାରେ ପଶ୍ଚିମ ଓଡ଼ିଶାର ୫ ଜଣ ଅଗ୍ରଣୀ ଚାଷୀ ସମ୍ବଲପୁରର ଅଭିଲାଷ ପ୍ରଧାନ, ଜଟା ଭୂଷଣ ସାହୁ ବରଗଡ଼ର ଚାଷୀ ଜଟାଧାରୀ ପ୍ରଧାନ ଏବଂ ଅଭିଷେକ ଖମାରୀ, ଝାରସୁଗୁଡାର ଚାଷୀ ସୁନୀଲ ପ୍ରଧାନ ଯୋଗଦାନ କରିଥିଲେ। ଉଦଘାଟନୀ ଦିବସରେ ଉନ୍ନତ ଫଳ ଚାଷ ଏବଂ ବିଭିନ୍ନ ପ୍ରକାରର ଫସଲର ଆଧୁନିକ କୃଷି ପ୍ରଯୁକ୍ତି ବିଦ୍ୟା ଉପରେ ଗୁରୁତ୍ୱ ଦେଇ ଇଣ୍ଡୋ-ଇସ୍ରାଏଲ୍ ସେଣ୍ଟର ଅଫ୍ ଏକ୍ସଲେନ୍ସର ଡକ୍ଟର ଶିବନ୍ଧୁ ପ୍ରତାପ ସିଂ ସୋଲାଙ୍କିଙ୍କ ନେତୃତ୍ୱରେ ବୈଜ୍ଞାନିକମାନେ କେନ୍ଦ୍ରର ମିଶନ ଏବଂ ଉଦ୍ଦେଶ୍ୟ ବିଷୟରେ ଏକ ବିସ୍ତୃତ ସମୀକ୍ଷା ପ୍ରଦାନ କରିଥିଲେ। ଆଜି ଉଦଯାପନୀ ଦିବସରେ ଚାଷୀମାନେ ହରିଆଣାର ସଫଳ ଚାଷୀ ଧରମବୀର କାମ୍ବୋଜ ଜୀଙ୍କ ଧମଳାରେ ଥିବା ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପରିଦର୍ଶନ କରିଥିଲେ। ଉନ୍ନତ ପଦ୍ଧତିରେ ଆମ୍ବ, ଲିଚୁ, ସେଓ, ଡାଳିମ୍ବ ଆଦି ଫଳ ଚାଷ ସମ୍ପର୍କରେ ଅନୁଷ୍ଠିତ ଏହି ଜାତୀୟ କର୍ମଶାଳାରେ ଭାରତର ବିଭିନ୍ନ ପ୍ରଦେଶରୁ ଚାଷୀମାନେ ଯୋଗଦେଇଥିଲେ। ଇଣ୍ଡୋ-ଇସ୍ରାଏଲ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ଜରିଆରେ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଏଭଳି ଫଳ ଉତ୍କୃଷତା କେନ୍ଦ୍ରର ବିକାଶ ଉପରେ ଆଲୋଚନା ହୋଇଥିଲା।

## ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ

**ସମ୍ବଲପୁର, ୫।୩ (ସମିସ):** ମହାନ ଜନ ନାୟକ, ଆଧୁନିକ ଓଡ଼ିଶାର ଖାରବେଳ, ଇଣ୍ଡୋନେସିଆର ଭୂମିପୁତ୍ର ତଥା କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ଜନ୍ମତିଥି ଅବସରରେ ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ -୨୦୨୪ ପାଳିତ ହୋଇଛି। ଏହି ଅବସରରେ ସିଡିଓ-କମ-ଇଓ ଧର୍ମେନ୍ଦ୍ର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୁ ବାବୁଙ୍କଙ୍କ ଅଦମ୍ୟ ସାହସିକତା ଏବଂ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ତାଙ୍କର ବିଶେଷ ଅବଦାନ ଉପରେ ଆଲୋକପାତ କରିଥିଲେ। ବିଜୁ ବାବୁଙ୍କ ସମୟରେ ଲାଗୁ ହୋଇଥିବା ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଓଡ଼ିଶାର ମହିଳାଙ୍କୁ ପ୍ରୋତ୍ସାହିତ କରିଛି। ଜିଲ୍ଲାପରିଷଦ ଉପାଧକ୍ଷ ମାଧବ ମିର୍ଦ୍ଧା ଯୋଗଦେଇ ଗଣତନ୍ତ୍ରରେ ଜନସାଧାରଣଙ୍କୁ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳରେ ରାସ୍ତାଘାଟ ଠାରୁ ଆରମ୍ଭ କରି ପକ୍କା ଘର, ପାନୀୟ ଜଳ ଭଳି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ମାଧ୍ୟମରେ ଏହା ପୂର୍ଣ୍ଣ ହେଉଥିବା କହିଥିଲେ। ଏହି ଅବସରରେ ଅଙ୍ଗନବାଡ଼ି କର୍ମୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମ୍ବଲପୁର ଜିଲ୍ଲା ପୁଷ୍ଟି ପଞ୍ଚାୟତର ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ କୁଚିଣ୍ଡା ବ୍ଲକର କୁଟୁରାଚୁଆଁ ଜି.ପି.ଙ୍କୁ ପୁରସ୍କୃତ କରାଯାଇଥିଲା। ପୋଷଣ ଅଭିଯାନ ଅଧୀନରେ ଅଙ୍ଗନୱାଡି ମାନ୍ୟତା ପ୍ରଦାନ କରାଯାଇଥିଲା। ପ୍ରଥମ ପୁରସ୍କାର ଲୁହାପଙ୍କ ଆଇ.ସି.ଡି.ଏସ୍ କ୍ଷେତ୍ରର ବଡ଼ମାଲ, ରେଢ଼ାଖୋଲ ଆଇ.ସି.ଡି.ଏସ୍ ପ୍ରକଳ୍ପକୁ ପ୍ରଦାନ କରାଯାଇଥିଲା। ସମ୍ବଲପୁର ସହରାଞ୍ଚଳ ଆଇ.ସି.ଡିଏସ୍ ପ୍ରକଳ୍ପର ସାକ୍ଷୀପଡ଼ା -୨ ଏ.ଡବ୍ଲୁ.ସିକୁ ଦ୍ୱିତୀୟ ଓ ବାମରା ଆଇ.ସି.ଡି.ଏସ୍ ପ୍ରକଳ୍ପର ବରିହା ଗରପୋଷକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଓରମାସ ସି.ଇ .ଓ ଶ୍ରୀମନ୍ତ ହୋତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅତିରିକ୍ତ ଇଓ ପ୍ରଶାସକ ଟୁନୁ ମେହେର, ଅତିରିକ୍ତ ଇଓ ବୈଷୟିକ ମନ୍ତ୍ରୀ ବିଶ୍ୱବିହାରୀ ପଟ୍ଟନାୟକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗୌରୀଶଙ୍କର ସିଂ, ଜିଲ୍ଲା ପରିଷଦ ସଭ୍ୟ ସୁନୀଲ କୁମାର ମିଶ୍ର, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ପୁଷ୍ପଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଲଭା ତ୍ରିପାଠୀଙ୍କ ପରଲୋକ

**ସମ୍ବଲପୁର, ୫।୩ (ସମିସ):** ସମ୍ବଲପୁର ଅଇଁଠାପାଲି ସ୍ଥିତ ନିଜ ବାସଭବନରେ ଦୁର୍ଲଭା ତ୍ରିପାଠୀଙ୍କ ୮୬ ବର୍ଷ ବୟସରେ ଆଜି ସକାଳେ ସ୍ୱର୍ଗାରୋହଣ ହୋଇଯାଇଛି। ଶ୍ରୀମତି ତ୍ରିପାଠୀ ଅତାବିରା ନିକଟସ୍ଥ ଭୂର୍ଷପାଲି ଗ୍ରାମର ଡାକ୍ତର ଉପେନ୍ଦ୍ର ତ୍ରିପାଠୀଙ୍କ ଧର୍ମପତ୍ନୀ ଥିଲେ। ସେ ଜଣେ ସରଳ ସ୍ୱଭାବୀ ତଥା ଧର୍ମପରାୟଣ ମହିଳା ଥିଲେ। ମୃତ୍ୟୁଶର୍ଯାରେ ୭ଝିଅ ୨ ପୁଅ, ବହୁ ସଂଖ୍ୟାରେ ନାତି ନାତୁଣୀ ଓ ଆତ୍ମିୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସମ୍ବଲପୁର ସହର ତଥା ଅତାବିରା ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।



## ୫-ଟି ଅଧକ୍ଷଙ୍କ ଉପରେ ଘୁନଘୁଟିପଡ଼ା ବାସିନ୍ଦାଙ୍କ ଭରସା

**ସମ୍ବଲପୁର, ୫।୩(ସମିସ):** ସମ୍ବଲପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ଥଇଥାନ ଓ କ୍ଷତିପୂରଣ ଦାବି ନେଇ ଆନ୍ଦୋଳନ କରି ଆସୁଛନ୍ତି ଘୁନଘୁଟି ପଡ଼ାବାସୀ। ବାରମ୍ବାର ଆଲୋଚନା କଲାପରେ ମଧ୍ୟ ସମାଧାନର ବାଟ ବାହାରୁ ନାହିଁ। ଆସନ୍ତା କାଲି ୫ ଟି ଅଧକ୍ଷ ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମ୍ବଲପୁର ଗସ୍ତ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫ ଟି ଅଧକ୍ଷ ଗସ୍ତ କରି ଲୋକଙ୍କ ସମସ୍ୟା ସମାଧାନ କରୁଛନ୍ତି। ଏବେ ଆନ୍ଦୋଳନକାରୀ ମାନେ ୫ ଟି ଅଧକ୍ଷ ପାଣ୍ଡିଆନଙ୍କ ଉପରେ ଭରସା କରଥିବା ଆନ୍ଦୋଳନକାରୀଙ୍କ ପ୍ରତିନିଧି ରାମତନୁ ଦୀପ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗରିବ ନିରିହ ସମସ୍ତଙ୍କ ସୁବିଧା କରୁଛନ୍ତି। ସମସ୍ୟା ଶୁଣି ସମାଧାନ ମଧ୍ୟ କରୁଛନ୍ତି। ଆମର ଦୁଃଖ ମଧ୍ୟ ଶୁଣିବେ ଓ ଦୂର କରିବେ ବୋଲି ଆଶା ଭରସା ରହିଛି। ଗତ ଜାନୁୟାରୀ ୨୭ ତାରିଖ ଦିନ ବହୁ ପ୍ରତୀକ୍ଷିତ ସମଲେଇ ପ୍ରକଳ୍ପର ଲୋକାର୍ପିତ ହୋଇଯାଇଛି। ପ୍ରକଳ୍ପ ଲୋକାର୍ପଣ ପରେ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ବଢ଼ିଛି। ସହରବାସୀଙ୍କ ମଧ୍ୟରେ ବି ଉତ୍ସାହ ଦେଖିବାକୁ ମିଳିଛି। ବିସ୍ଥାପିତ ଘୁନଘୁଟିପଡ଼ାବାସୀଙ୍କ କ୍ଷତି ପୂରଣ ମଧ୍ୟ ଦିଆଯାଇଥିଲା। ହେଲେ ସେମାନଙ୍କ ଭିତରେ କିଛି ପରିବାରକୁ ବାଦ ଦିଆଯାଇଥିବା ଅଭିଯୋଗରେ ଆନ୍ଦୋଳନ କରାଯାଇ ଆସୁଛି। ଏହି ଆନ୍ଦୋଳନ ୫୫ ଦିନରୁ ଅଧିକ ଦିନ ହେଲାଣି। ଦିବାରାତ୍ରି ଶୀତ କାକରକୁ ଖାତିର ନକରି ଏହି ପଡ଼ାବାସୀ ପିଲାଛୁଆଧରି ପଡ଼ି ରହିଛନ୍ତି। ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମଧ୍ୟ ଏମାନଙ୍କ ସହିତ ଆଲୋଚନା କରି ସାରିଛନ୍ତି।

**୭ରୁ ହୀରାଖଣ୍ଡ ନାଟ୍ୟମହୋତ୍ସବ**

# ଭାଗନେବେ ୨ ଜାତୀୟ ଦଳ

ସମ୍ବଲପୁର, ୫।୩(ସମିସ)

ସମ୍ବଲପୁରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନୀ ବିଭାଗର ମିଳିତ ସହଯୋଗରେ ଆସନ୍ତା ୭ ମାର୍ଚ୍ଚରୁ ୧୦ ମାର୍ଚ୍ଚ ପର୍ଯ୍ୟନ୍ତ ଜାତୀୟ ସ୍ତରୀୟ ନାଟକ ମହୋତ୍ସବ ଅନୁଷ୍ଠିତ ହେବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ବଲପୁର ମାଟିର ଏବଂ ଏ ଅଞ୍ଚଳର ପୁରାତନ ନାମ ହୀରାଖଣ୍ଡ ସାମ୍ରାଜ୍ୟକୁ ଆଧାର କରି ଏହି ନାଟକ ମହୋସବୁ ହୀରାଖଣ୍ଡ ନାଟ୍ୟମହୋତ୍ସବ ନାମରେ ନାମିତ କରାଯାଇଛି। ଗତ ୪ ବର୍ଷ ହେଲା ଏହି ମହୋତ୍ସବରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ନାଟ୍ୟାନୁଷ୍ଠାନମାନେ ଆସି ଭିନ୍ନ ସ୍ୱାଦର ନାଟକଗୁଡ଼ିକ ପରିବେଷଣ କରିଛନ୍ତି। ଚଳିତ ବର୍ଷ ଏହି ନାଟକ ମହୋତ୍ସବରେ ଦୁଇଟି ଜାତୀୟ ଦଳ ଭାଗ ନେଉଥିବା ବେଳେ ଗୋଟିଏ ଦଳ ଦେବଗଡ଼ରୁ ଏବଂ ଆୟୋଜକ ଅନୁଷ୍ଠାନ ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ନାଟକ ପ୍ରଦର୍ଶନ କରାଯିବ। ପ୍ରଥମ ଦିନ ୭ ତାରିଖ ପ୍ରଥମ ସନ୍ଧ୍ୟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାଂସ୍କୃତିକ ଅଧକ୍ଷ ପ୍ରଫେସର ସଂଯୁକ୍ତା ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରୁଥିବା ବେଳେ ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ନୃପରାଜ ସାହୁ ଯୋଗ ଦେବେ। ପ୍ରଥମ ସନ୍ଧ୍ୟାର ନାଟକ 'ଦିଗ୍‌ଦର୍ଶକ'କୁ ଜାମଶେଦପୁରର ନାଟ୍ୟାନୁଷ୍ଠାନ ଝାରଖଣ୍ଡ ସାଂସ୍କୃତିକ କଳା ମଞ୍ଚ ପ୍ରଦର୍ଶିତ କରିବେ। ଯାହାକୁ ନିର୍ଦ୍ଦେଶନା ଦେଇଛନ୍ତି ନାଟ୍ୟକାର ତଥା ନିର୍ଦ୍ଦେଶକ ଶିବଲାଲ ସାଗର। ଦ୍ୱିତୀୟ ସନ୍ଧ୍ୟାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁ ମୁଖ୍ୟଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳସଚିବ ଯୁଗଳେଶ୍ୱରୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ପଶ୍ଚିମବଙ୍ଗ ବୀରଗ୍ରାମର ଝାରଗ୍ରାମ କଥାକ୍ରିତୀର କଳାକାରମାନେ ପରିବେଷଣ କରିବେ ନାଟକ 'ଉଜୟ ସମ୍ବାଦ'। ନାଟକକୁ ଦେବଲୀନା ଦାଶଗୁପ୍ତ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି କୁତନ ପଲ୍। ସେହିପରି ତୃତୀୟ ସନ୍ଧ୍ୟାରେ ଏସୟୁର କୁଳସଚିବ ଡ. ନୃପରାଜ ସାହୁ ମୁଖ୍ୟଅତିଥି, ଜିଏମୟୁର ବିବିଆରସି ଚେୟାର ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ସେହି ସନ୍ଧ୍ୟାରେ ଜାଗରଣ ଆର୍ଟ ଇଣ୍ଟରନେସନାଲ, ଦେବଗଡ଼ ପକ୍ଷରୁ ଅଶୋକ ବହିଦାରଙ୍କ ରଚିତ ଏବଂ ସୁଜିତ ପାତ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ଲୁହର ରଙ୍ଗ' ପରିବେଷିତ ହେବ। ଉଦ୍‌ଯାପନୀ ସନ୍ଧ୍ୟାରେ ଏସୟୁର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ତଥା ଅତୀଶ କୁମାର ଶତପଥୀଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ 'ଥିପ୍ ଥିପ୍ ପାନି' ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ମର୍ଯ୍ୟାଦାଜନକ ହୀରାଖଣ୍ଡ ନାଟ୍ୟ ସମ୍ମାନ ପାଇଁ ଏହି ଅଞ୍ଚଳର ପ୍ରସିଦ୍ଧ ଅଭିନେତା ଉତ୍ତମ ବେହେରାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟା ନାଟକ ମଞ୍ଚନ ପରେ ନାଟକର ନିର୍ଦ୍ଦେଶକ ଏବଂ ପ୍ରଦର୍ଶନ କଳା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ବାର୍ତ୍ତାଳାପର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ୪ ଦିନ ଧରି ହେବାକୁ ଥିବା ଏହି ମହୋତ୍ସବକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ପୃଷ୍ଠପୋଷକତା କରାଯାଇଥିବା ବେଳେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ, ମହାନଦୀ କୋଲ୍ ଫିଲଡ଼ ଲିମିଟେଡ୍ ପକ୍ଷରୁ ସହଯୋଗ କରାଯାଇଅଛି ବୋଲି ଅନୁଷ୍ଠାନର ସମ୍ପାଦକ ଅତୀଶ କୁମାର ଶତପଥୀ, ବରିଷ୍ଠ ସଦସ୍ୟ ନରେନ୍ଦ୍ର ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।




**ମଞ୍ଚସ୍ଥ ହେବ ଦିଗଦର୍ଶକ, ଉଜୟ ସମ୍ବାଦ, ଲୁହର ରଙ୍ଗ, ଥିପ୍ ଥିପ୍ ପାନି**

ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ

# ଛାତ୍ରଛାତ୍ରୀ ମାଗିଲେ ବିଜୁ ବାବୁଙ୍କୁ ଭାରତରତ୍ନ







**ବରଗଡ଼/ପଦ୍ମପୁର, ୫।୩(ସମିସ)**

ବିଜୁବାବୁ କେବଳ ଓଡ଼ିଶାର ଗର୍ବ ଗୌରବ ନ ଥିଲେ, ସେ ଥିଲେ ସମଗ୍ର ଭାରତ ବର୍ଷର ରତ୍ନ। ତେଣୁ ତାଙ୍କୁ ଭାରତର ମର୍ଯ୍ୟାଦା ଜନକ ସମ୍ମାନ ଭାରତ ରତ୍ନ ମିଳିବା ଉଚିତ୍ ବୋଲି ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ପଞ୍ଚାୟତିରାଜ ଓ ବିଜୁ ବାବୁଙ୍କ ଜୟନ୍ତୀ ଉତ୍ସବରେ ଛାତ୍ରଛାତ୍ରୀମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଜୁ ବାବୁଙ୍କ ଜୀବନୀ ଆଧାରିତ ଏକ ଟେଲି ଫିଲ୍ମ ପ୍ରଦର୍ଶନ କରାଯାଇଥିବା ବେଳେ ଛାତ୍ରଛାତ୍ରୀମାନେ ବିଜୁ ବାବୁଙ୍କୁ ଭାରତ ରତ୍ନ ଦିଆଯିବା ଉଚିତ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁନୀତା ମିଶ୍ର ସଂଯୋଜନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନା ତ୍ରିପାଠୀ, ତପସ୍ୱିନି ତ୍ରିପାଠୀ, ବବିତା ନାଏକ, ଜ୍ୟୋତି ବେହେରା, ଦୀପିକା କୁଲୁ, ଗୀତା ଜାଲ, ନନ୍ଦିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟ ଏକ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଥିଲେ, ସାଧାରଣ ଜନତାଙ୍କ ପ୍ରଗତି କଥା ଚିନ୍ତା କରିବା ସହ ରାଜ୍ୟ ତଥା ଦେଶର ଉନ୍ନତିର ସ୍ୱପ୍ନ ଦେଖୁଥିଲେ ବିଜୁ ବାବୁ। ସେ ବିରଳ ବ୍ୟକ୍ତିତ୍ୱ ଓ ସ୍ୱାଭିମାନୀ ମଣିଷ ଥିଲେ। ବରଗଡ଼ରେ ଆୟୋଜିତ ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଧାୟକ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଆୟୋଜିତ ଜୟନ୍ତୀ କାର୍ଯ୍ୟକ୍ରମରେ ବରଗଡ଼ ବିଜେଡି ତରଫରୁ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଏକ ବାଇସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାସହ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ବରଗଡ ଟାଉନ ବିଜେଡି କର୍ମୀମାନଙ୍କ ଦ୍ୱାରା ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ ଆୟୋଜିତ ହୋଇଥିଲା। ଶିବିରରେ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଜାପାନ ମହାପାତ୍ର, ପୌରାଧକ୍ଷା କଳ୍ପନା ମାଝୀ, ଉପନଗରପାଳ ରାଜେଶ ଅଗ୍ରୱାଲ, ବରିଷ୍ଠ ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର , ଯୁବ ନେତା କରନ ସିକନ୍ଦର, ଆଇନଜୀବି ଅନୁପ ଶତପଥୀ, କାଳୀଚରଣ ଦାଶ, ଶୈଳେଶ ନାୟକ, ଲିପୁ ସାହୁ, ଅନୀଲ ଦଳାଇ, କାଉନସିଲର ଉମାଚରଣ ରାଉତଙ୍କ ସମେତ ପୌର ପରିଷଦର ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

ପଦ୍ମପୁରରେ ବିଜୁ ଜନତାଦଳ ତରଫରୁ ଗୋରୁବଜାର ପ୍ରାଙ୍ଗଣରେ ଜୟନ୍ତୀ ସମାରୋହ ଆୟୋଜିତ ହୋଇଥିଲା। ବରିଷ୍ଠ ବିଜେଡି ନେତା ପ୍ରୀତମ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ପଣ୍ୟାଗାର ନିଗମ ଅଧକ୍ଷା ମଞ୍ଜୁଶ୍ରୀ ବଡ଼େଇ, ବରିଷ୍ଠ ବିଜେଡି ନେତା ଜୟନ୍ତ ପାଣିଗ୍ରାହୀ, ଧବଳେଶ୍ୱର ସାହୁ, ସୁରେଶ ଚାନ୍ଦ, ପାଇକମାଳ ଜିଲ୍ଲା ପରିଷଦ ସଭ୍ୟା ବାସନ୍ତୀ ବାଲାମ, ଝାରବନ୍ଧ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୀରେନ୍ଦ୍ର ସାହୁ, ଯୁବ ବିଜେଡି କର୍ମୀ ରବି ନାରାୟଣ ସାହୁ, ଟୁନୁ ବେହେରା, ଚାଷୀ ନେତା କିଶୋର ଦେବତା, ଗଣେଶ ପ୍ରଧାନ, ବିଶ୍ୱନାଥ ବାଗ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଷ୍ଣୁ ପ୍ରସାଦ ବାଜପାୟୀ ସଭା ପରିଚାଳନା କରିଥିଲେ। ବରେଣ୍ୟ ଅତିଥିବୃନ୍ଦ ପ୍ରଥମେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ସେହିପରି ବିଜେଡି କାର୍ଯ୍ୟାଳୟରେ ବିଧାୟିକା ବର୍ଷା ସିଂ ବରିହାଙ୍କ ନେତୃତ୍ୱରେ ଏନଏସି ଅଧକ୍ଷା ସାବିତ୍ରୀ ବାଗ, ବିଜେଡି ଟାଉନ ସଭାପତି ନବକିଶୋର ସାହୁ, ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ଗୋବିନ୍ଦ ପାଣିଗ୍ରାହୀ, ଯୁବନେତା ଭୋଜରାଜ ସିଂ ବରିହା ଓ ଅନ୍ୟ ବିଜେଡି କର୍ମୀଙ୍କ ଉପସ୍ଥିତିରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଥିଲା।





## ବରଗଡ଼ ଟାଉନ ବିଜେଡିର ରକ୍ତଦାନ ଶିବିର

**ବରଗଡ,୫।୩(ସମିସ):** ବରଗଡ଼ ଅଗ୍ରଗାମୀ ଯୁବକ ସଂଘଠାରେ ଓଡ଼ିଶା ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ତଥା ଜିଲ୍ଲା ବିଜେଡି ସଭାପତି ଡ ପ୍ରଭାସ ସିଂ, ପୌରାଧକ୍ଷା କଳ୍ପନା ମାଝୀ, ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଯୁବନେତା କମଳ ତାଣ୍ଡି, କାଉନସିଲର ଉମାଚରଣ ରାଉତଙ୍କ ସମେତ ସମସ୍ତ କାଉନସିଲରବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ପୌରାଞ୍ଚଳର ରକ୍ତଦାତାମାନେ ସାମିଲ ହୋଇ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା।

ଜୁଆ ଅଡ୍ଡାରେ ଚଢ଼ଉ

# ୧୫ ଗିରଫ, ୪ ଲକ୍ଷ ଜବତ

**ଝାରସୁଗୁଡ଼ା,୫।୩(ସମିସ):** ଝାରସୁଗୁଡ଼ାରେ ବଡ଼ଧରଣର ଜୁଆ ଆଡ୍ଡା ଉପରେ ଟାଉନ ଥାନା ପୁଲିସର ଚଢ଼ଉ କରିଛି। ଏହି ଚଢ଼ଉରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯିବା ସହ ୧୫ ଜଣଙ୍କୁ ଗିରଫ କରିଛି ଟାଉନ ଥାନା ପୁଲିସ। ୧୫ରୁ ଅଧିକ ବାଇକ ଓ ୫ରୁ ଅଧିକ କାର୍ ଛାଡି ଫେରାର ମାରିଛନ୍ତି ଅନ୍ୟ ଜୁଆଡି। ପୁରୁଣାବସ୍ତିରେ ଏକ ଜୁଆ ଆଡ୍ଡା ଚାଲିଥିଲା ବେଳେ ଖବର ପାଇ ଚଢ଼ଉ କରିଥିଲା ଝାରସୁଗୁଡା ପୁଲିସ।

## ସ୍ୱଚ୍ଛ, ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନା ପାଇଁ ପ୍ରଶିକ୍ଷଣ

**ଝାରସୁଗୁଡ଼ା, ୫।୩ (ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ବୈଠକରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋରଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜରାଜନଗର ପୌର ପରିଷଦ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଲୋକାଲ ଫଣ୍ଡ ଅଡିଟ ଅଧିକାରୀ ପିକେ ରାଉତ, ଡିଆଇଓ ଅକ୍ଷୟ ମିଶ୍ର ଓ ଜିଲ୍ଲା ପରିଷଦ ବୈଷୟିକ ଅଧିକାରୀ ପ୍ରସନ୍ନ ଦାଶ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର ପ୍ରସନ୍ନ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ହରିହର ମାଝୀ, କେଶବ ଡିଲା ଓ ସାହେବଲାଲ ପଧାନ ସହଯୋଗ କରିଥିଲେ।

## ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରବୃତ୍ତି ବିତରଣ

**ଝାରସୁଗୁଡ଼ା/ବ୍ରଜରାଜନଗର, ୫।୩(ସମିସ):** ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ଅଧକ୍ଷ ଡ. ସରୋଜ କୁଅଁରଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ସରକାରଙ୍କ ନୂଆ-ଓ ଛାତ୍ରବୃତ୍ତି ପ୍ରମାଣପତ୍ର ବିତରଣ ପର୍ବ ପାଳନ କରାଯାଇଥିଲା। ଓଡ଼ିଆ ବିଭାଗର ମୁଖ୍ୟ କଲ୍ୟାଣୀ ମିଶ୍ର ସଭା ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ। ମହାବିଦ୍ୟାଳୟର ଅଧକ୍ଷ ଡ ସରୋଜ କୁଅଁର ଛାତ୍ରୀଙ୍କୁ ଛାତ୍ରବୃତ୍ତି ଅର୍ଥରାଶିର ଉପଯୁକ୍ତ ବିନିଯୋଗ କରିବାପାଇଁ ଉପଦେଶ ଦେଇଥିଲେ। ଅନ୍ୟତମ ଅତିଥି ତ୍ରିନାଥ ଗୁଆଲ, ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ୍ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଇଂରାଜୀ ବିଭାଗର ଅଧାପକ ଅଂଶୁମାନ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ସୁଧାରାନୀ ଶର୍ମା ଓ ସୁନିତା ସାହୁ ନିଜର ଅନୁଭୂତି ବ୍ୟକ୍ତ କରିଥିଲେ।

ବ୍ରଜରାଜନଗର ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ 'ନୂଆ-ଓ'ରେ ଅନ୍ତର୍ଭୁକ୍ତ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ବଣ୍ଟନ କରାଯାଇଛି। ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଏହି ପ୍ରୋତ୍ସାହନ ରାଶି ବଣ୍ଟନ କରିବା ସହ ଭବିଷ୍ୟତ ଜୀବନ ପାଇଁ ଉତ୍ସାହିତ କରିଥିଲେ। ବ୍ରଜରାଜନଗର ପୌରାଧକ୍ଷା ଯଜ୍ଞସେନି ଓରାମ, ବିଭିନ୍ନ ୱାର୍ଡ କାଉନସିଲର ଏବଂ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ପୁଲିସ ପ୍ରଶାସନର 'ନୂଆଁ ମନ୍ ନୂଆଁ ସପନ୍' କାର୍ଯ୍ୟକ୍ରମ

**ପାଇକମାଳ, ୫।୩ (ସମିସ):** ପାଇକମାଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଝରଣ ଗ୍ରାମରେ ପୁଲିସ ବିଭାଗ ତରଫରୁ "ନୂଆମନ ନୂଆସପନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ସହକାରୀ ଆରକ୍ଷୀ ଅଧୀକ୍ଷକ ବିଭୂତି ଭୂଷଣ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିଆରପିଏଫ୍‌ର ଶାନ୍ତନୁ ପଧାନୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କମାଣ୍ଡିଂ ଅଫିସର ରିଷୀକେଶ ଚୋବେ, ପ୍ରକୃତିବନ୍ଧୁ ବିଭୂତି ଭୂଷଣ ମୁଣ୍ଡ ଓ ପାଇକମାଳ ସରପଞ୍ଚ ଚୁଲବତୀ ତାଣ୍ଡି ଯୋଗ ଦେଇଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ବଡେଇ ସଭା ପରିଚାଳନା କରିଥିଲେ। ସଭାରେ ଅତିରିକ୍ତ ଥାନାଧିକାରୀ ବିମଲ ଲାକ୍ରା ଅତିଥି ପରିଚୟ ପ୍ରଦାନ କରିଥିଲେ। ରଣଜିତପୁର, ସାଲେପାଲି ଓ ଖଣ୍ଡିଝରଣ ଗ୍ରାମର ପ୍ରାୟ ୫୦୦ ଜନସାଧାରଣ ଯୋଗ ଦେଇଥିଲେ। ପୁଲିସ ଓ ଜନସାଧାରଣଙ୍କ ସୁସଂପର୍କ, କର୍ମନିଷ୍ଠା ତଥା ବିଭିନ୍ନ ପ୍ରକାର ସଚେତନତା ଉପରେ ଅତିଥିମାନେ ମତବ୍ୟକ୍ତ କରଥିଲେ। ପ୍ରାୟ ଶତାଧିକ ରୋଗୀଙ୍କୁ ଚିକିତ୍ସା କରି ଔଷଧ ମାଗଣାରେ ଯୋଗାଇ ଦିଆଯାଇଥିଲା। ଅସହାୟ ଗରିବ ଲୋକଙ୍କୁ ତଥା ଭିନ୍ନକ୍ଷମ ମାନଙ୍କୁ ଶାଢି, ଧୋତି, ଗାମୁଛା, କମ୍ବଳ, ଲାଇଟ, ଛତା ଆଦି ବଣ୍ଟନ କରିଥିବା ବେଳେ ଛୋଟ ଛୋଟ ପିଲାଙ୍କୁ ସ୍କୁଲ ବେଗ, ଖାତା କଲମ ଓ ପାଣି ବୋତଲ ବଣ୍ଟା ଯାଇଥିଲା। ଖେଳାଳିଙ୍କୁ କ୍ରିକେଟ, ଫୁଟବଲ ଓ ଭଲିବଲର ସମସ୍ତ ସରଞ୍ଜାମ ବଣ୍ଟା ଯାଇଥିଲା। ତିନୋଟି ଗ୍ରାମର କିର୍ତ୍ତନ ପାର୍ଟି ତଥା କରମସାନି ଦଳକୁ ବାଦ୍ୟ ସରଞ୍ଜାମ ବଣ୍ଟା ଯାଇଥିଲା। ଖଣ୍ଡିଝରଣ ଗ୍ରାମର କୁନିକୁନି ଝିଅମାନେ ନୃତ୍ୟ ପରିବେଷଣ କରିଥିଲେ। ଥାନା ଏସ୍ଆଇ ମଦନ ସୁନ୍ଦର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।



## କୁମୁଡାପାଲି ଧନୁଯାତ୍ରା ଆରମ୍ଭ

**ଝାରସୁଗୁଡ଼ା, ୫।୩(ସମିସ):** ଝାରସୁଗୁଡ଼ା ସହର ଉପକଣ୍ଠ ଦଳକି ପଞ୍ଚାୟତ ଅନ୍ତର୍ଗତ କୁମୁଡାପିଲି ଗ୍ରାମରେ ଆଜିଠାରୁ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହୋଇଥିବା ବେଳେ ସାତ ଦିନ ଧରି ଚାଲିବ। ପ୍ରଥମେ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଅବସରପ୍ରାପ୍ତ ପୁଲିସ ଅଧିକାରୀ ସରୋଜ ମହାପାତ୍ର ଦଳକି ପଞ୍ଚାୟତ ସରପଞ୍ଚ ଜଶୋବନ୍ତ ଧରୁଆ କମିଟିର ମାଧବଚନ୍ଦ୍ର ପାଣ୍ଡେ ସଭାପତି ଗୌର କୀଶୋର ପଣ୍ଡା ଆନନ୍ଦ ପାଣ୍ଡେ ଉପଦେଷ୍ଟା ରାଜେନ୍ଦ୍ର ପାଣ୍ଡେ ହେମରାଜ ଶଣ ସମାଜ ସେବୀ କସ୍ତୁରୀ ପଟେଲ୍ ନିଜା ପଟେଲ୍ ଆଲୋକ ପ୍ରକାଶ ପଟେଲ୍ ବିଶିଷ୍ଟ କବି ନିକୁଞ୍ଜ ବିହାରୀ ମିଶ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ବୁଧବାର କଂସ ମହାରାଜ ଅଭିନେତା ଭୁବନେଶ୍ୱର ପ୍ରଧାନ ନଗର ପରିକ୍ରମା କରି ପୁଣି କୁମାଡିପାଲି ଗ୍ରାମକୁ ଫେରି ତାଙ୍କର ଅଭିନୟ କରିବେ। ସନ୍ଧ୍ୟାରେ କଂସ ମହାରାଜଙ୍କ ଅଭିନୟ ଓ ନାଚ ଗୀତରେ ଦର୍ଶକ ବିଭୋର ହୋଇଥିଲେ। ଶହେରୁ ଅଧିକ ଦୋକାନ ଲାଗିଥିବାବେଳେ ଧନୁଯାତ୍ରା ସାତ ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।



## ସମ୍ବଲପୁରୀ ଚଳଚ୍ଚିତ୍ର 'ଖରା'ର ଶୁଭମୁକ୍ତି



**ବରଗଡ଼, ୫।୩ (ସମିସ):** ବରଗଡ଼ ଉମାଟକିଜରେ ସ ମ୍ବ ଲ ପୁ ର ୀ / କୋ ଶ ଲୀ ଚଳଚିତ୍ର ଖରା ଶୁଭମୁକ୍ତି ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଫିତା କାଟି ଶୁଭ ଉଦଘାଟନ କରିଥିଲେ। ପଶ୍ଚିମ ଓଡିଶାର ଉତ୍ତପ୍ତ ସହର ଟିଟିଲାଗଡ ଅଞ୍ଚଳର କାହାଣୀକୁ ନେଇ ଏହି ଚଳଚିତ୍ର ନିର୍ମିତ ହୋଇଛି। ମାନସୀ ପାଣିଗ୍ରାହୀଙ୍କ ପ୍ରଯୋଜନା ଓ ପଙ୍କଜ ଜାଲଙ୍କ ସହ ପ୍ରଯୋଜନାରେ ଏହି ଚଳଚିତ୍ର ନିର୍ମିତ ହୋଇଥିବା ବେଳେ ଯୁଗଳ ସାହୁ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ବିଭିନ୍ନ ଭୂମିକାରେ ଜଗଦାନନ୍ଦ ଛୁରିଆ, ଶ୍ରୀକର ମିଶ୍ର, କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇ, ଅଶୋକ ବେହେରା, ସୁଶୀଲା ନାୟାର ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।

## ପ୍ରଧାନଶିକ୍ଷକ ତେଜରାଜ ସୁନାଙ୍କୁ ଶ୍ରଦ୍ଧାଞ୍ଜଳି

**ପଦ୍ମପୁର, ୫।୩(ସମିସ):** ପଦ୍ମପୁର ନିବାସୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତେଜରାଜ ସୁନାଙ୍କ ଏକାଦଶାହ ଜନ୍ମଭୂମି ସାଧୁପାଲି ରେ ହୋଇଯାଇଛି। ଏଥିରେ ସ୍ୱର୍ଗତ ସୁନାଙ୍କ ଜାତିଭାଇ, ବନ୍ଧୁବାନ୍ଧବ, ମଇତ୍ର ସମେତ ସତ୍ୟାନନ୍ଦ ପଧାନ, ଭଗବାନ ପାଣିଗ୍ରାହୀ, ମୋତିରାମ ପ୍ରଧାନ, ତେଜରାଜ ପ୍ରଧାନ, ଟିକନୁ ସାହୁ, ମକରଧ୍ୱଜ ବଗାର, ସୁରେନ୍ଦ୍ର ପାଣିଗ୍ରାହୀ, ମାର୍କଣ୍ଡ ମହାନନ୍ଦ, ଗୁଣମଣି ସୁନାମୀ, କ୍ଷେତ୍ରୀ ଲୁହାର, ନବଘନ ତାଣ୍ଡି ଆଦି ଶୁଭେଚ୍ଛୁ ସ୍ମୃତିଚାରଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶ୍ରୀ ସୁନାଙ୍କ ଆତ୍ମାର ସଦଗତି ପାଇଁ ଭଗବାନଙ୍କଠାରେ ପ୍ରାର୍ଥନା କରିଥିଲେ।



## ପରିବେଶ ସୁରକ୍ଷା ବାର୍ତ୍ତାନେଇ ୫୪୭ ଦିନର ସାଇକଲ ଯାତ୍ରା

**ବରଗଡ଼, ୫।୩ (ସମିସ):** ଦୀର୍ଘ ୫୪୭ ଦିନର ଯାତ୍ରା ପରେ ଆଜି ନିଜ ଜନ୍ମମାଟି ବରଗଡ଼ ଜିଲ୍ଲାକୁ ଫେରିଛନ୍ତି ଭଟଲି ବ୍ଲକ୍ ବାଲିପୁରି ଗ୍ରାମର ନନ୍ଦିଘୋଷ ଖମାରୀ। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅତାବିରାଠାରେ ସ୍ୱାଗତ ସମ୍ବର୍ଦ୍ଧନା କରିବା ପରେ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟଠାରେ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଉମେଶ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ନେତ୍ରୀ ନିହାରିକା ଗିରି, ଚାଷୀନେତା ଲିଙ୍ଗରାଜ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧକ୍ଷା ଅଭୟ ପ୍ରଧାନ, ଓଡ଼ିଶା ଜନତା ସଂଘର୍ଷ ସମିତିର କିଶୋରଚନ୍ଦ୍ର ସାହୁ, ଏଚିଭର୍ସ ହେଲପିଙ୍ଗ ଫାଉଣ୍ଡେସନର ସଭାପତି ଦିବାକର ମାଝୀ, ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରି, ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ବୀରେନ ପ୍ରଧାନ, ଦୀପକ ଶର୍ମା, ଅଶ୍ୱିନୀ ଦର୍ଜି, ଧୂର୍ବ କର୍ମୀ ଓ ବିଜୟ ମିଶ୍ର ପ୍ରମୁଖ ନନ୍ଦିଘୋଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**ନନ୍ଦିଘୋଷ ଖମାରୀଙ୍କୁ ସମ୍ବର୍ଦ୍ଧନା**

ସ୍ୱର୍ଗତ ବିଜୁ ବାବୁଙ୍କ ଜୟନ୍ତୀ ଆଉ ପଞ୍ଚାୟତିରାଜ ଦିବସ ଭଳି ଏକ ପବିତ୍ର ଦିନରେ ନିଜ ଜନ୍ମ ମାଟିକୁ ଆସି ବହୁତ୍ ବହୁତ୍ ଖୁସି ଲାଗୁଛି। ୫୪୭ ଦିନରେ ୨୦ ହଜାରରୁ ଅଧିକ ରାସ୍ତା ସାଇକଲରେ ଯାତ୍ରା କରିଥିବାରୁ ଅତି ଭାବବିହ୍ୱଳ ହୋଇ ନିଜ ଅଭିବ୍ୟକ୍ତି ପ୍ରକାଶ କରିଥିଲେ ନନ୍ଦିଘୋଷ ଖମାରୀ। ଯାତ୍ରା ସମୟରେ ଖରା ବର୍ଷା ସହ ବହୁତ୍ ଦୁର୍ଗମ ଅଞ୍ଚଳ ବହୁ ଦୁଃଖ କଷ୍ଟ କରିବାକୁ ପଡ଼ିଥିଲା ବୋଲି କହିଛନ୍ତି। ଆଜି ନିଜ ଜନ୍ମ ମାଟିରେ ଏତେ ବଡ ବଡ ସ୍ୱାଗତ ସମ୍ବର୍ଦ୍ଧନା ଦେଖି ଭାବ ବିହ୍ୱଳ ହୋଇ ପଡୁଥିଲେ। ବୁଧବାର ସକାଳୁ ଯାତ୍ରାର ଶେଷ ଦିନରେ ସେ ଭଟଲି ବ୍ଲକ୍ ଅନ୍ତର୍ଗତ ବାଲିପୁରୀ ଗ୍ରାମକୁ ଫେରିବେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଖେଳ ଶିକ୍ଷକ ଦୁଃଖୀ ସେବକ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ବିଭିନ୍ନ ସ୍ଥାନରେ ପଞ୍ଚାୟତିରାଜ ଦିବସ ପାଳିତ

**ପାଇକମାଳ/ବରଗଡ଼/ଭେଡେନ/ଝାରବନ୍ଧ, ୫।୩(ସମିସ)**

ପାଇକମାଳ ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ପାଳିତ ହୋଇଯାଇଛି। ପାଇକମାଳ ବିଡିଓ ପ୍ରଫୁଲ କୁମାର ଓଦୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପାଇକମାଳ ବ୍ଲକ୍ ଅଧକ୍ଷ ଭାବନା ସିଂ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଡିଓ ଦେବାଶିଷ ସେହ୍ନା, ସିଡିପିଓ ବାସନ୍ତି ପୃତୀ ଯୋଗ ଦେଇଥିଲେ। ବିପିଏମ ଇନ୍ଦ୍ରମଣି କୁମ୍ଭାର ସଭା ପରିଚାଳନା କରିଥିଲେ। ପାଇକମାଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କିର୍ତ୍ତନପାଟି ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ କିର୍ତ୍ତନ ମାଧ୍ୟମରେ ପରିବେଷଣ କରିଥିଲେ। ପାଇକମାଳ ୫ ନମ୍ବର ଅଙ୍ଗନବାଡି କେନ୍ଦ୍ରର କର୍ମୀ ବୀଣା ସାହୁଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ୧୫ହଜାର ଟଙ୍କାର ପୁରସ୍କୃତ କରାଯାଇଥିଲା।










ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଅଧିକାରିଣୀ ଚୂଳମୁକ୍ତା ପ୍ରଧାନ ପରିଚାଳନା କରିଥିଲେ। ଇତିହାସ ଅଧ୍ୟାପିକ ସତ୍ୟନାରାୟଣ ନନ୍ଦ, ବିଶ୍ୱଜିତ ସାହୁ, ଚନ୍ଦ୍ରମଣି ଦେବତା, ଅଧ୍ୟାପିକା ପ୍ରଭାସିନୀ ସାହୁ ଓ କଲେଜର କର୍ମଚାରୀ ସୁନୀଲ ପ୍ରଧାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀ ଉପସ୍ଥିତ ଥିଲେ।

ଭେଡେନ ବ୍ଲକ ସଭାଗୃହରେ ଏବିଡିଓ ପ୍ରିତେଶ ଦୋରାଙ୍କ ସଭାପତିତ୍ୱରେ ପଞ୍ଚାୟତିରାଜ ଦିବସ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଭେଡେନ ବ୍ଲକ ଅଧକ୍ଷା ସୁପ୍ରଭା ମହାଳିଙ୍ଗ, ଉପାଧକ୍ଷ ଡୋଳାମଣି ଖେତି, ବିଡ଼ିଓ ତ୍ରିପୁର ମହାନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ଝାରବନ୍ଧ ବ୍ଲକ କୋତନା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ନୋଡାଲ ବିଦ୍ୟାଳୟ ପରିସରରେ ପ୍ରବାଦ ପୁରୁଷ ଜନ ନାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହେମସାଗର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ଜାହ୍ନବୀ ସେଟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସାହୁ ମୁଖ୍ୟଅତିଥି ଓ ଅଇଁଠା ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମିପ୍ରିୟା ସାହୁ, ଅନସୂୟା ଦଲେଇ, ୱାଡେନ ଲତାକୁମାରୀ ସାହୁ ସହଯୋଗ କରିଥିଲେ। ଶିକ୍ଷକ ଲକ୍ଷ୍ମୀଚନ୍ଦ ସିଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଁ ପୋଖରୀ ସଫେଇ କଲେ ସ୍ୱେଚ୍ଛାସେବୀ

**ପଦ୍ମପୁର, ୫।୩ (ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ସରେଇକେଲା ଗ୍ରାମର ଲିଟିଲ ହେଲ୍ପ ଗୃପର ସଦସ୍ୟମାନେ ଗାଁର ପୋଖରୀ ତୁଠ ସଫେଇ କରି କଳିଙ୍ଗପୁତ୍ର ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଗାଁ ପରିମଳ ସଫା ରହିଲେ ପରିବେଶ ସ୍ୱଚ୍ଛ ରହିବ ବୋଲି ସଫେଇ କାର୍ଯ୍ୟ ମାଧ୍ୟମରେ ସମାଜକୁ ବାର୍ତ୍ତା ଦେଇଛନ୍ତି ଲିଟିଲ ହେଲ୍ପର ସଦସ୍ୟଗଣ। ଗ୍ରାମର ସର୍ବାଙ୍ଗୀନ ଉନ୍ନତି ତଥା ଗ୍ରାମକୁ ସ୍ୱଚ୍ଛ ରଖିବା ପାଇଁ ଲିଟିଲ ହେଲ୍ପ ଗୃପର ସଦସ୍ୟଗଣ ଶପଥ ନେଇଛନ୍ତି। ଆୟୁଷ୍ମାନ ବାରିକ, ବବଲୁ ସାହୁ, ନୀତେଶ ସାହୁ,ପବିତ୍ର ସାହୁ, ନିରାକାର ପ୍ରଧାନ, ଦ୍ରୋଣ ବେହେରା ସାମିଲ ହୋଇ ଗାଧୁଆ ପୋଖରୀ ତୁଠ ପାଖରେରେ ପଡ଼ିଥିବା ଅଳିଆ, ଅନାବନା ଘାସ, କଣ୍ଟାବୁଦା ସଫା କରିଛନ୍ତି। ଆଗାମୀ ଦିନରେ ଲିଟିଲ ହେଲ୍ପ ତରଫରୁ ସାମାଜିକ କାର୍ଯ୍ୟ ଜାରି ରହିବ ବୋଲି ସଦସ୍ୟମାନେ ସୂଚନା ଦେଇଛନ୍ତି।

# 'ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପ ଆଦିବାସୀଙ୍କ ଦ୍ୱାରା ସମାପନ ହେଉ'

ଝାରସୁଗୁଡା,୫ ।୩(ସମିସ)

ସମ୍ମିଳିତ ଆଦିବାସୀ ସମାଜ ଝାରସୁଗୁଡା ଜିଲ୍ଲା ପକ୍ଷରୁ ଏକ ଖୁସିର ଭେଟ୍ ଘାଟ୍ ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ ଭବନ ଝାରସୁଗୁଡା ଠାରେ ଆୟୋଜିତ ହୋଇଥିଲା। ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ଏକ ଲକ୍ଷରୁ ଅଧିକ ଆଦିବାସୀ ଭୋଟର ଥିବାବେଳେ ଏହି ନିର୍ବାଚନମଣ୍ଡଳୀରେ ସମ୍ମିଳିତ ଆଦିବାସୀ ସମାଜ ୨୦୧୬ରୁ ନିରନ୍ତର ସଂଘର୍ଷ କରି ବିନା ରାଜନୈତିକ ସହାୟତାରେ ଲଇକେରା ଓ କିର୍ମିରା ବ୍ଲକଦ୍ୱୟକୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ଅନ୍ତର୍ଭୁକ୍ତ କରିପାରିଛି। କୋଲାବିରା ଜମିଦାର କରୁଣାକର ସିଂହ ନାଏକ ଭାଇ ଖଗ ନାଏକ ଓ ପୁତୁରା କହ୍ନେଇ ନାଏକଙ୍କ ଜୀବନୀକୁ ଲୋକ ମାନଙ୍କ ସମ୍ମୁଖରେ ରଖିଛି। ତେବେ, ସମାଜର ବିଶେଷ ହିତକୁ ଦୃଷ୍ଟିରେ ରଖି ରାଜନୈତିକ ଦଳରୁ ଊର୍ଦ୍ଧ୍ୱରେ ରହି



ସମ୍ମିଳିତ ଆଦିବାସୀ ସମାଜର 'ଖୁସିର ଭେଟ୍‌ଘାଟ୍'

ସମ୍ମିଳିତ ଆଦିବାସୀ ସମାଜ ଆଗାମୀ ନିର୍ବାଚନରେ ଝାରସୁଗୁଡା ବିଧାନସଭା ଆସନରୁ ପ୍ରାର୍ଥୀ ଦେବ ବୋଲି ଏକ ଶପଥ ପାଠ ଆରମ୍ଭ ହୋଇଛି। ଏହି ଶପଥ ପାଠକୁ ୨୫ ହଜାର ଆଦିବାସୀ ପରିବାରଙ୍କ ପାଖରେ ଆଠ ଦଶ ଦିନ ଭିତରେ ପହଞ୍ଚେଇବା ପାଇଁ ଧାର୍ଯ୍ୟ ହୋଇଛି। ଏହାବ୍ୟତୀତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିର ବିଭାଗୀୟ କାର୍ଯ୍ୟଗୁଡିକୁ ଉପଯୁକ୍ତ ଆଦିବାସୀଙ୍କ ଦ୍ୱାରା କାର୍ଯ୍ୟ ସମାପନ କରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଅତିଶୀଘ୍ର ଦିଆଯିବ। ଯାହାଫଳରେ ଆଦିବାସୀଙ୍କ ଆର୍ଥିକ ସ୍ୱଚ୍ଛଳତା ବଢ଼ିବାରେ ସହାୟକ ହେବ। ସଂଗଠନର ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାଏକ, ପ୍ରମୁଖ ସଚିବ ଅଶୋକ ମାଝୀ, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, କାର୍ଯ୍ୟାଳୟ ସଚିବ ବିନୋଦ ବାଗ, ଉପସଭାପତି କଷ୍ଟୁ ପିଙ୍ଗ, ଫକୀରମୋହନ କିସାନ, ଡମ୍ବରୁଧର ନାଏକ, ନଳୀନ ନାଏକ, ଗଜେନ୍ଦ୍ର ଓରାମ, ପବିତ୍ର ମୋହନ ନାଏକ, କପିଳ କିସାନ, ଶୋଭାକର ମାଝୀ, ଚନ୍ଦ୍ରକାନ୍ତ ମାଝୀ, ସୁବଳ ଧୁରୁଆ, ଠାକୁର ପ୍ରଧାନ, ଧର୍ମେନ୍ଦ୍ର କିସାନ, ବାସୁଦେବ ଧୁରୁଆ, ତ୍ରିଲୋଚନ ତନସନା, ଦୁର୍ଗା ପ୍ରସାଦ ଭୋଇ, ମୁରାରୀ ଭୋଇ, ରାଜେଶ ନେଟୀ, ତୋଫାନ ସିଂହ ନାଏକ, ହୁକୁମ ସିଂହ, ଚିହ୍ନିରୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରେନ୍‌ରେ ମିଳୁନି ପ୍ରାଥମିକ ଚିକିତ୍ସା

## ବେଲପାହାଡ଼ର ଜଣେ ବରିଷ୍ଠ ଯାତ୍ରୀଙ୍କ ଅଭିଯୋଗ

**ବ୍ରଜରାଜନଗର, ୫।୩ (ସମିସ):** ରେଳ ଯାତ୍ରା ସମୟରେ ସାମାନ୍ୟ ପ୍ରାଥମିକ ଚିକିତ୍ସା ମିଳିପାରି ନଥିବା ଅଭିଯୋଗ ହୋଇଛି। ବେଲପାହାଡ଼ ଅଞ୍ଚଳର ଜଣେ ବରିଷ୍ଠ ବ୍ୟକ୍ତି ଅପୂର୍ବ ମୁଖର୍ଜି ତପସ୍ୱିନୀ ଏକ୍ସପ୍ରେସ ରେଳ ଯୋଗେ କଟକରୁ ଝାରସୁଗୁଡା ଆସୁଥିବା ସମୟରେ ବଗି ନମ୍ବର ବି-୪ ସିଟ ନମ୍ବର ୨୨ରେ ଯାଉଥିଲେ। ରାତି ପ୍ରାୟ ୨.୩୦ ପାଖାପାଖି ଶୌଚାଳୟରୁ ଆସି ନିଜ ସିଟକୁ ଚଢୁଥିବା ବେଳେ ଟ୍ରେନଟି ହଠାତ ବ୍ରେକ ମାଡିଥିଲା ଯେଉଁଥି ପାଇଁ ସେ ପଡି ଯାଇଥିଲେ। ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ବ୍ୟକ୍ତି ଜଣକ ମଧୁମେହ ରୋଗୀ



ହୋଇଥିବା ବେଳେ ତାଙ୍କ ସାଙ୍ଗରେ ଥିବା ତାଙ୍କ ଝିଅ ତାହା ଦେଖି ଅସ୍ତବ୍ୟସ୍ତ ହୋଇ ଯାଇଥିଲେ। ତାଙ୍କ ଅଙ୍ଗୁଠିରୁ ପ୍ରବଳ ରକ୍ତସ୍ରାବ ହେବାରୁ ଟ୍ରେନ କୋଚରେ ଥିବା ଆଟେଣ୍ଡାଣ୍ଟ ଓ ଟିଟିଙ୍କୁ ଜଣାଇଥିଲେ ମଧ ଚିକିତ୍ସା ଉପଲବ୍ଧ ହୋଇ ପାରି ନଥିଲା। ପରେ ଆଗାମୀ କୌଣସି ଷ୍ଟେସନ୍‌ରେ ତାଙ୍କ ଚିକିତ୍ସା କରାଯିବ ବୋଲି ଟିଟି ଜଣେଇଥିଲେ। ଏ କଥା ପରେ ୱାଟ୍‌ସଆପ ଗ୍ରୁପରେ ଛାଡିବା ପରେ ଟ୍ରେନଟି କ୍ଷେତରାଜପୁର ଷ୍ଟେସନରେ ପହଞ୍ଚିଥିଲା। ପରେ ମଧ ତାଙ୍କୁ କୌଣସି ଚିକିତ୍ସା ଦିଆଗଲା ନାହିଁ। ପରବର୍ତ୍ତୀ ସମୟରେ ତାଙ୍କ ଝିଅ ରେଳ ମଦତ ଆପ୍ଲିକେସନରେ ଏହି ସମସ୍ୟା ବିଷୟରେ ଜଣେଇଥିଲେ। ଏହାପରେ ତାଙ୍କୁ ଗୋଟେ ଫୋନ ଆସିଥିଲା ଏବଂ ତାଙ୍କୁ ପରବର୍ତ୍ତୀ ଷ୍ଟେସନରେ ତାଙ୍କର ଚିକିତ୍ସା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା କିନ୍ତୁ ଟ୍ରେନଟି ଝାରସୁଗୁଡ଼ା ଷ୍ଟେସନରେ ସାଢ଼େ ସାତଟା ଆଠଟାରେ ପହଞ୍ଚିଥିଲା। ତାଙ୍କୁ ଝାରସୁଗୁଡାରେ ମଧ କିଛି ଚିକିତ୍ସା କରାଯାଇ ନଥିଲା। ସେମାନେ ବେଲପାହାଡ଼ ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ପରେ ଚିକିତ୍ସା କରାଇଥିଲେ।

ଏନେଇ ସେ ଖାଉଟି ଅଦାଲତରେ ଅଭିଯୋଗ କରିବେ ବୋଲି ସୁଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ ଟ୍ୱିଟ ମାଧମରେ ଅବଗତ କରେଇଥିଲେ। କୌଣସି ସନ୍ତୋଷ ଜନକ ଉତ୍ତର ସେପଟୁ ଆସିନାହିଁ।

■ ଲଖନପୁର ବ୍ଲକ୍ ବିଭାଜନ ଏବଂ ଉପଖଣ୍ଡ ଦାବି ପ୍ରସଙ୍ଗ

# ୩ୟ ଦିନରେ ଉପାନ୍ତରୁ ମୁଖ୍ୟାଳୟ ଯାଏ ଅଧିକାର ପଦଯାତ୍ରା

**ଝାରସୁଗୁଡା, ୫।୩ (ସମିସ):** ଲଖନପୁର ବ୍ଲକକୁ ୩ଟି ବ୍ଲକରେ ବିଭାଜନ କରିବା ସହ ତହସିଲକୁ ଏକ ଉପଖଣ୍ଡ ମାନ୍ୟତା ଦାବିରେ ଉପାନ୍ତରୁ ଜିଲ୍ଲା ମୁଖ୍ୟାଳୟ ଯାଏ ଆରମ୍ଭ ହୋଇଥିବା ଅଧିକାର ପଦଯାତ୍ରା ଆଜି ୩ୟ ଦିନରେ ପହଞ୍ଚିଛି।



ଲଖନପୁର ନାଗରିକ ପରିଷଦର ଆହ୍ୱାନକ୍ରମେ ଏହି ଯାତ୍ରା ଆରମ୍ଭ କରାଯାଇଛି। ଚଳିତ ଫେବୃୟାରୀ ୨ ତାରିଖ କଣ୍ଢେଇକେଲା ପଞ୍ଚାୟତ ଅନ୍ତର୍ଗତ ସେମେଲିଆ ଗ୍ରାମସ୍ଥିତ ସ୍ୱପ୍ନେଶ୍ୱର ବାବାଙ୍କ ଶକ୍ତି ପୀଠରୁ ଏକ ନେତୃମଣ୍ଡଳୀ ଅଧିକାର ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା। ଆସନ୍ତା ୭ ତାରିଖ ସୁଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଛି। ୩ୟ ଦିନରେ ସକାଳୁ ପୁଣି ଏହି ପଦଯାତ୍ରା ଆରମ୍ଭ କରିଥିଲେ। ସେମାନଙ୍କୁ କୁଡ଼ାଲୋଇ, ପିପିଲିମାଲ କଦେଲପିଟା, ବେଲପାହାଡ଼ ଓ ଗାନ୍ଧୀଛକଠାରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଉତ୍ତରା ଲୁହା, ଗଣତନ୍ତ୍ର କୁସୁମ ଓ ସାଥୀ କଳାକାର ପକ୍ଷରୁ କୃଷ୍ଣଗୁରୁ ପରିବେଷଣ ସହ ସ୍ୱାଗତ କରାଯାଇଥିଲା। ଗାନ୍ଧୀଛକଠାରେ ଆଜି ରାତ୍ରୀ ଯାପାନ ପରେ ଆସନ୍ତା କାଲି ପୁଣି ଏହି ଯାତ୍ରା ଆରମ୍ଭ ହେବ। ଲଖନପୁର ନାଗରିକ ପରିଷଦର ସଭାପତି ପୀତାମ୍ବର ମିଶ୍ର, କାର୍ଯ୍ୟକାରୀ ସଭାପତି ରଘୁନନ୍ଦନ ପଣ୍ଡା, କନକତୋରା ସରପଞ୍ଚ ସୁଶାନ୍ତ ଚୈନୀ, କଂଗ୍ରେସ ବ୍ଲକ ସଭାପତି ଲିଙ୍ଗରାଜ ବଢ଼େଇ, ସୁବ୍ରତ ପ୍ରଧାନ, ଭାସ୍କର ଗର୍ଡିଆ, ଆଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ସୌକିଲାଲ ସାହୁ, ଭାଗିରଥୀ ଭୋଇ, ଶ୍ରୀପତି ଷଣ୍ଢ, ବୃନ୍ଦାବନ ପଧାନ, ନିରଞ୍ଜନ ବଢ଼େଇ ପ୍ରମୁଖ ସାମିଲ ରହିଛନ୍ତି। କୁଡ଼ାଲୋଇ ଠାରେ କୁନିଲତା ସାହୁ, ବନିତା ନନ୍ଦ, ପୁଷ୍ପା ବାରୁ, ସୁଶୀଲା ଲୁଗୁନ, ପ୍ରେମଶିଳା ରଥ, ଧନମତି ମାଝୀ, ବ୍ରହ୍ମାନନ୍ଦ ସାହୁ, ସଚ୍ଚିଦାନନ୍ଦ ସାହୁ, ସେହିପରି ବେଲପାହାଡ଼ ସମଡ଼ା ଜଗନ୍ନାଥ ମନ୍ଦିରଠାରେ ଲଖନପୁର ନାଗରିକ ପରିଷଦର ଉପଦେଷ୍ଟା ବିରଞ୍ଚି ସାହୁ, ଗୁଣନିଧି ପତି, ସଚ୍ଚିଦାନନ୍ଦ ପଣ୍ଡା, ତପନକାନ୍ତ ଜେନା, ରାଧେଶ୍ୟାମ ପ୍ରଧାନ, ଭାସ୍କର ପଟେଲ, କୈଳାଶ ନାଏକ, ବିକାଶ ଅଗ୍ରୱାଲ, ସମୀର ମିଶ୍ର, ବନବାସୀ ଗୌଡ଼, ବାସୁଦେବ କୁର୍ମୀ, ସନ୍ତୋଷ ଲେଙ୍କା ଓ ସେହିପରି ଗାନ୍ଧୀଛକରେ ସଚିନ ଦାଶ, ପ୍ରଣବ ଶଙ୍କର ମହାପାତ୍ର, ପ୍ରଦୀପ କଉଡ଼ି, ସୁପ୍ରିତ, ଜିତେନ୍ଦ୍ର ପ୍ରଧାନ ପଦଯାତ୍ରାର ନେତୃ ମଣ୍ଡଳୀକୁ ଭବ୍ୟ ସ୍ୱାଗତ କରିଥିଲେ।

# ରାଉରକେଲା-ରାଏଗଡ଼ ବିଦ୍ୟୁତ ଲାଇନ୍‌ରୁ ସାମଗ୍ରୀ ଚୋରି

**ବ୍ରଜରାଜନଗର, ୫।୩(ସମିସ):** ପାୱାର ଗ୍ରୀଡ଼ କର୍ପୋରେସନ ଅଫ ଇଣ୍ଡିଆର ରାଉରକେଲା ରାଏଗଡ଼ ବିଦ୍ୟୁତ ଟାୱାରର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଗାନ୍ଧୀଛକ ଫାଣ୍ଡି ଅଧିକାରୀଙ୍କ ନିକଟରେ ପାୱାର ଗ୍ରୀଡ଼ କର୍ପୋରେସନର ଆସିଷ୍ଟାଣ୍ଟ ମେନେଜର ଲିଖିତ ଅଭିଯୋଗ କରିଛନ୍ତି। ଜୁନାନିମୁଣ୍ଡା ଆମଦରହ ନିକଟରେ ଥିବା ଏହି ଆନ୍ତରାଜ୍ୟ ବିଦ୍ୟୁତ ଶକ୍ତି ଯୋଗାଣ କରୁଥିବା ଅନେକ ବିଦ୍ୟୁତ ଟାୱାରର ଜଏଣ୍ଟ ପ୍ଲେଟ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଛି ଯାହାର ଓଜନ ୧୦୩୩.୫୬୯ ହୋଇଥିବା ବେଳେ ମୂଲ୍ୟ ଏକ ଲକ୍ଷ ଚବିଶ ହଜାର ଅଠେଇଶ ଟଙ୍କା ହେବା ନେଇ ଅଭିଯୋଗ କରାଯାଇଛି। ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଟାୱାରର ଏପରି ବିଭିନ୍ନ ସାମଗ୍ରୀ ଚୋରି ଦ୍ୱାରା ଟାୱାର ଦୁର୍ବଳ ହୋଇ ଖସିପଡ଼ିବା ନେଇ ଆଶଙ୍କା ସୃଷ୍ଟି ହେଉଛି। ଅଭିଯୋଗକୁ ଭିତ୍ତିକରି ବ୍ରଜରାଜନଗର ଥାନାରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଆରମ୍ଭ କରାଯାଇଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି।

# ସବଡିଭିଜନ ମାନ୍ୟତା ଦାବିରେ ଲଇକେରା ବନ୍ଦ

**ଝାରସୁଗୁଡ଼ା/ଲଇକେରା, ୫।୩ (ସମିସ):** ସବଡିଭିଜନ ମାନ୍ୟତା ଦାବିରେ ଝାରସୁଗୁଡା ଜିଲ୍ଲା ଲଇକେରା ମୁଖ୍ୟାଳୟ ସମେତ ଜାମମାଲ, ତିଳେଇମାଲ, ବାବୁଛିପିଡ଼ିହି, ଭାତଲଇଡା, ସାରଙ୍ଗଲୋଇ, ପାକେଲପଡ଼ା, ନିକ୍ତିମାଲ, କୁଲେମୁରା, ସାହାସପୁର, ଖୁନ୍ତାମାଲ, ପଞ୍ଚାୟତର ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟି, ଲଇକେରା ଗ୍ରାମବାସୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବ୍ଲକ କୃଷକ ସଂଗଠନ, ବ୍ୟବସାୟୀ ସଂଘ, ଯୁବଗୋଷ୍ଠୀ, ଆଥଲେଟିକ ଆସୋସିଏସନ, ବ୍ଲକ କଳାକାର ସଂଘ ଏବଂ ସମ୍ମିଳିତ ଆଦିବାସୀ ସମାଜର ନେତୃତ୍ୱରେ ଆୟୋଜିତ ବନ୍ଦ ଯୋଗୁଁ ମୁଖ୍ୟାଳୟର ସମସ୍ତ ଦୋକାନ ବଜାର ବନ୍ଦ ଥିବା ବେଳେ, ଗାଡି ମଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସରକାର ଲଇକେରାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ନ କଲେ ଆଗାମୀ ଦିନରେ ଭୋଟ ବର୍ଜନ କରିବା ସହ ଦୃଢ଼ ପ୍ରତିବାଦ କରି ନିଜର ଦାବି ହାସଲ କରିବେ ବୋଲି କୁହାଯାଇଛି।



# ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ




**ଝାରସୁଗୁଡ଼ା ୫।୩(ସସିସ):** ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ ପାଳନ କରାଯାଇଛି। ଜିଲ୍ଲା ପରିଷଦ ସଦଭାବନା ଗୃହରେ ଅନୁଷ୍ଠିତ ସମାରୋହରେ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ ଦିବସ ଆୟୋଜନର ଉଦ୍ଦେଶ୍ୟ ତଥା ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ, ଉପାଧକ୍ଷ ଅକ୍ଷୟ ସାହୁ ଓ ଜିଲ୍ଲା ପରିଷଦ ସଭ୍ୟ ସନତ ସିଂହ ଲୋକାଭିମୁଖୀ ଯୋଜନା ସମୂହ ଗ୍ରାମାଞ୍ଚଳରେ ପହଞ୍ଚିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ପଞ୍ଚାୟତକୁ ପୁରସ୍କାର ରାଶି ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଝାରସୁଗୁଡ଼ା ବ୍ଲକର ଗୌରମାଲ ପଞ୍ଚାୟତକୁ ୧ଲକ୍ଷ ୫୦ ହଜାର ଓ ରାଜପୁର ପଞ୍ଚାୟତକୁ ୧ଲକ୍ଷ ୨୫ହଜାର ଓ କିର୍ମିରା ବ୍ଲକର ସୁଲେହି ପଞ୍ଚାୟତକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପଞ୍ଚାୟତ ସମିତି ଅଧକ୍ଷ, ଜିଲ୍ଲା ପରିଷଦ ସଦସ୍ୟ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ବିଭିନ୍ନ ସ୍ଥାନରେ ବିଜୁ ଜୟନ୍ତୀ ପାଳିତ

**ଝାରସୁଗୁଡ଼ା/ବ୍ରଜରାଜନଗର/କୋଲାବିରା, ୫।୩(ସମିସ):** ବଡମାଲସ୍ଥିତ ବିଜୁ ପଟ୍ଟନାୟକ ଛକଠାରେ ଥିବା ଓଡ଼ିଶା ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ୧୦୮ ତମ ଜନ୍ମୋତ୍ସବ ଅବସରରେ ମାଲ୍ୟାର୍ପଣ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ରବି ସିଂ, ଯୁବନେତା ବିଶାଳ ଦାସ ପ୍ରମୁଖ ଶହ ଶହ ବରିଷ୍ଠ ତଥା ସକ୍ରିୟ କର୍ମୀଙ୍କ ଉପସ୍ଥିତିରେ ମାଲ୍ୟାର୍ପଣ କରିଥିଲେ। ପୂର୍ବତନ ପୌରାଧକ୍ଷ ହରିଶ ଗନତ୍ରା, ଟାଉନ ସଭାପତି ସନ୍ଦିପ୍ତ ଅବସ୍ତି, ପ୍ରବ୍ନ୍ ସିଂହ ଯାଦବ, ଭବାନୀ ସାହା, ଜାହିଦ କୁରେଶି, ଜୟପ୍ରକାଶ କୁଅଁର, ତୁଳସୀ ଦାସ, ଅରବିନ୍ଦ ବାରିକ, ନବନିତ କୋର, ସରିତା ଅଗ୍ରୱାଲ, ରିଙ୍କି କୋର, ଦୀପା ନାଏକ, ଗୀତାଞ୍ଜଳି ପଣ୍ଡା, କାଜଲ ସିଂହ, ଝରଣା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟିକା ଅଳକା ମହାନ୍ତି ବ୍ରଜରାଜନଗର ଖଲିଆକାନିସ୍ଥିତ ଦିବଂଗତ ବିଧାୟକ ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ, ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବେଲପାହାଡ଼ ପୌର ପରିଷଦ ଅନ୍ତର୍ଗତ ଶନିମନ୍ଦିର ପାଖରେ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବେଲପାହାଡ ସହରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫଳ ବଣ୍ଟନ ଏବଂ ଲଖନପୁର ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ବିଜୁ ପଟ୍ଟନାୟକ ଜୟନ୍ତୀ ପାଳନ ସହ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫଳ ବଣ୍ଟନ କରାଯାଇଥିଲା। ବ୍ରଜରାଜନଗର ପୌରାଧକ୍ଷା ଯଜ୍ଞସେନି ଓରାମ, ବିଭିନ୍ନ ୱାର୍ଡ କାଉନସିଲର ଏବଂ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।







କୋଲାବିରା ବ୍ଲକ୍ ରଘୁନାଥପାଲି ଅଯୋଧାନଗର ଛକସ୍ଥିତ କଳାବିକାଶ କେନ୍ଦ୍ରରେ ବ୍ଲକ ବିଜେଡି ପକ୍ଷରୁ ଆୟୋଜିତ ସଭାରେ ଉପସ୍ଥିତ ଅତିଥିଗଣ ମହାନ ଦେଶଭକ୍ତ, ଜାତୀୟବାଦୀ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ତଥା ପୂର୍ବତନ ସରପଞ୍ଚ ତୁଳାରାମ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନବୀନଚନ୍ଦ୍ର ନାଏକ ଯୋଗ ଦେଇଥିଲେ। କୋଲାବିରା ସରପଞ୍ଚ ଚେତାନନ୍ଦ ନଇ, ଚିନ୍ମୟ ବହିଦାର, ଶଙ୍କର ପାତ୍ର, ବରିଷ୍ଠକର୍ମୀ ମଦନ ମୋହନ ପଟେଲ, ବେଦବ୍ୟାସ ସାହୁ, ସୁରେନ୍ଦ୍ର ନାଏକ, ବିଜୟ ସାହୁ, ଗୌତମ ନାଏକ, ଲୋଚନ କୁଆ, ଦିଗାମ୍ବର ବାରିକ, ରିଙ୍କୁ ସାହୁ, ବିହାରି ପାତ୍ର, ଅନୀଲ ବେହେରା ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ବେଲପାହାଡ଼ ପୌରା ଉପାଧକ୍ଷା ରୀନା ସୁନାଙ୍କ ନେତୃତ୍ୱରେ କାଉନସିଲରମାନେ ସୁଖାବନ୍ଧଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାର୍ଲାର୍ପଣ କରିଥଲେ। କାଉନସିଲର ବିଭିଷଣ ରାଉତ, ଯୁଧିଷ୍ଠୀର ମୁଖି, ପ୍ରଶାନ୍ତ ରାଉତ, ସଞ୍ଜୟ ଯାଦବ, ସଞ୍ଜୀବ କିସାନ, ସକୁନ୍ତଳା ମହନ୍ତ, କିରନ ମରେଇ, ସୁମତି କିସାନ, ଅର୍ଜିନା ବାଗମ, ହୀତେଶ ଠକ୍କର, ଦିଲ୍ଲୀପ ସାଏ, ପ୍ରବୀର ଆଇଚ୍ ଭିମସେନ ସେଠ୍, ଦୀପକ ସିଂହଦେଓ ପ୍ରମୁଖ ଯୋଗ ଦେଇଥିଲେ।

# ଡାକ୍ତରଙ୍କ ଘରୁ ନଗଦ ୭୦ ହଜାର ସହ ଲୁଟିନେଲେ ୨୦ ଲକ୍ଷର ଅଳଙ୍କାର

**ବ୍ରଜରାଜନଗର, ୫।୩(ସମିସ):** ଏକ ବଡ଼ଧରଣର ଲୁଟ ହୋଇଥିବା ନେଇ ବ୍ରଜରାଜନଗର ଥାନାରେ ମାମଲା ରୁଜୁ ହୋଇଛି। ମଣ୍ଡଳିଆସ୍ଥିତ ଏମସିଏଲ କେନ୍ଦ୍ରୀୟ ଚିକିତ୍ସାଳୟରେ କାର୍ଯ୍ୟକରି ଜାନୁଆରୀ ୩୧ରେ ଅବସର ଗ୍ରହଣ କରିଥିବା ଡାକ୍ତର ଏସସି ଝାଙ୍କ ବନ୍ଦଘରୁ ପାଖାପାଖି ୨୦ ଲକ୍ଷ ଟଙ୍କାର ବିଭିନ୍ନ ଅଳଙ୍କାର ସହ ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ କୌଣସି ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍ ଟଙ୍କା ପାଖାପାଖି ୭୦ ହଜାର ଟଙ୍କା ହେବ ବୋଲି କୁହାଯାଇଛି।

ଗତ ଫେବୃଆରୀ ୮ ତାରିଖରେ ଝିଅ ବାହାଘର ଥିବାରୁ ଡାକ୍ତର ଦମ୍ପତି ବ୍ୟାଙ୍କ ଲକର୍‌ରୁ ଅଳଙ୍କାରଗୁଡିକ ଆଣି ବ୍ୟବହାର କରିଥିଲେ। କୌଣସି ଜରୁରୀ କାର୍ଯ୍ୟ ପାଇଁ ଡାକ୍ତର ଦମ୍ପତିଙ୍କୁ ବିହାର ଯିବାକୁ ପଡିବାରୁ ଘର ଚାବି ତାଙ୍କର ଶଳାଙ୍କୁ ଦେଇ ଯାଇଥିଲେ। ତାଙ୍କର ଶଳା ଗୋଟିଏ ଦିନ ପରେ ଘରକୁ ଆସି ଦେଖିବା ବେଳେ ଘର ତାଲା, ବେଡ଼ରୁମ କବାଟ ଓ ଲୁହା ଆଲମାରୀ ଭଙ୍ଗା ଯାଇଥିଲା। ସଙ୍ଗେ ସଙ୍ଗେ ଓରିଏଣ୍ଟ ଥାନାକୁ ଖବର ଦେବା ସହ ଲୁଟ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଡାକ୍ତର ଝା ଦମ୍ପତିଙ୍କ ପୈତୃକ ଏବଂ ଚାକିରି କାଳରେ କରିଥିବା ସୁନା ଅଳଙ୍କାର ଆଦିକୁ ଦୁର୍ବୃତ୍ତ ଲୁଟିନେଇଥିବା ବେଳେ ପାଖାପାଖି ୨୫୦ ଗ୍ରାମ ସୁନା, କିଛି ରୁପା ଅଳଙ୍କାର, ଏକ କେନନ କେମେରା ଆଦି ଚୋରି ହୋଇଛି। ପୁଲିସ ମାମଲାର ତଦନ୍ତ ଜାରି ରଖିଥିବା ନେଇ ସୂଚନା ଦିଆଯାଇଛି।

# ବିଜୁ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ବିଜେଡିର ବିଭିନ୍ନ କାର୍ଯ୍ୟକ୍ରମ

**ଦେବଗଡ଼, ୫ ।୩(ସମିସ):** ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ମହାନ ଜନ ନାୟକ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଜିଲ୍ଲା ବିଜେଡି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସକାଳେ ପ୍ରଧାନପାଟସ୍ଥିତ ଶିଶୁ ଉଦ୍ୟାନରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳ ପକ୍ଷରୁ ପୁଷ୍ପ ମାଲ୍ୟ ଅର୍ପଣ ସହ ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ଏକ ଗଣ ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏହି ଗଣଦୌଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ସମାପନ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ଥିବା ରୋଗୀଙ୍କୁ ଦଳ ପକ୍ଷରୁ ଫଳ ବଣ୍ଟନ କରାଯାଇଥିଲା। ସେହିପରି ବାରକୋଟ ବ୍ଲକ ଆମ୍ବକଟା ଗ୍ରାମ ସ୍ଥିତ ସରକାରୀ ଆଇଟିଆଇ ପରିସରରେ ଜୀବନ ବିନ୍ଦୁ ପକ୍ଷରୁ ଏକ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏଥିରେ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ଅନୁଷ୍ଠାନ ଓ ଯୁବବର୍ଗ ପକ୍ଷରୁ ରକ୍ତଦାନ କରାଯାଇଥିଲା। ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାସଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନ, ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲ୍ଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ପୁଷ୍ପାଞ୍ଜଳି ସାମଲ, ବାସନ୍ତୀ ନାଏକ, ସହ ପର୍ଯ୍ୟବେକ୍ଷକ ସୌମ୍ୟ ରଞ୍ଜନ ମହାପାତ୍ର, ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି, ପୂର୍ବତନ ବାରକୋଟ ବ୍ଲକ ପୂର୍ବତନ ଅଧକ୍ଷ ଦେବେନ୍ଦ୍ର ବେହେରା, ପୂର୍ବତନ ଜିଲ୍ଲା ସମ୍ବଲପୁର ସମବାୟ ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ରାଜକିଶୋର ଦାସ, ବିକାଶ ପ୍ରଧାନ, ହୀରାଧର ସାହୁ, ମହିଳା ସଭାନେତ୍ରୀ ଅରୁଣି ପ୍ରଧାନ, ତିଳେଇବଣି ବ୍ଲକ ପୂର୍ବତନ ଅଧକ୍ଷ ବିଭୁତି ଗଙ୍ଗଦେବଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ଓ କର୍ମୀ ସାମିଲ ହୋଇଥିଲେ।



# ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ

ଦେବଗଡ଼, ୫ ।୩(ସମିସ)

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମହାନ ଜନ ନାୟକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ କୌଶିକ ପ୍ରଧାନ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ପୁଷ୍ପାଞ୍ଜଳି ସାମଲ, ବାସନ୍ତୀ ବେହେରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ପଞ୍ଜିଆ ଭୋଇ, ମୁଖ୍ୟ ବକ୍ତାଭାବେ ପାଲଲହଡା ମାଲ୍ୟଗିରି ମହାବିଦ୍ୟାଳୟ ଇତିହାସ ଅଧାପକ ଡକ୍ଟର ପ୍ରଶାନ୍ତ ସାହୁ ଯୋଗଦେଇଥିଲେ। ଏହିଅବସରରେ ରିଆମାଳ ପଞ୍ଚାୟତକୁ ପ୍ରଥମ ପୁରସ୍କାର ବାବଦରେ ୧ଲକ୍ଷ ୫୦ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ବାବଦରେ ଝରାଗୋଗୁଆ ପଞ୍ଚାୟତକୁ ୧ଲକ୍ଷ ୨୫ହଜାର ଟଙ୍କା ଓ ତୃତୀୟ ପୁରସ୍କାର ବାବଦରେ ବଲମ ପଞ୍ଚାୟତକୁ ୧ଲକ୍ଷ ଟଙ୍କା ପୁରସ୍କାର ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ମାନପତ୍ର ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଓରମାସର ଡେପୁଟି ସିଇଓ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂହ, ପୌର ପରିଷଦ ନିର୍ବାହୀ ଅଧିକାରୀ ଅଞ୍ଜନି କୁଜୁର, ବରିଷ୍ଠ ନାଗରିକ ପ୍ରଫୁଲ୍ଲ ମହାପାତ୍ର, ରାମ ଚନ୍ଦ୍ର ମହାପାତ୍ର, ଲଳିତ ମୋହନ ସାହୁ, ରାମ ଚନ୍ଦ୍ର ପ୍ରଧାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ। ମନୋରଞ୍ଜନ ସୂତାର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।









**ଦିବ୍ୟାଙ୍ଗ ବିଇଡି ଛାତ୍ର କୁଶଙ୍କ କରୁଣ କାହାଣୀ**

# ହଷ୍ଟେଲ ଫି' ଦେଇ ନପାରି ଭୋକରେ କଟୁଛି ଦିନ

ସମ୍ବଲପୁର, ୫।୩ (ସମିସ)

ଉଚ୍ଚ ଶିକ୍ଷିତ ହୋଇ ଚାକରି କରି ରୋଜଗାରକ୍ଷମ ହେବା ଲକ୍ଷ୍ୟ ନେଇ ସଂଘର୍ଷ ଆରମ୍ଭ କରିଥିଲେ କୁଶ ଭାଇନା। ପାହାଚ ପରେ ପାହାଚ ସଫଳତା ହାସଲ କରି ଶେଷରେ ବିଇଡି ପଢ଼ିବା ପାଇଁ ସମ୍ବଲପୁର ପର୍ଶୁରାମ ବିଇଡି କଲେଜରେ ନାମ ଲେଖାଇଥିଲେ। ଯୁକ୍ତ ୨ ପଢୁଥିବା ସମୟରେ ଆଖିରୁ ଦୃଷ୍ଟିଶକ୍ତି ଚାଲି ଯାଇଥିଲା। ତଥାପି ସେ ହାର ମାନିନଥିଲେ। ପଛକୁ ଆଉ ନଫେରି ଆଗକୁ ବଢ଼ି ଚାଲିଥିଲେ। କଳାରେ ସ୍ନାତକ ପରେ ବିଇଡି ପଢ଼ିବାକୁ ମନୋନୀତ ହୋଇଥିଲେ। ସରକାରୀ କଲେଜରେ ନାମ ଲେଖାଇଥିବାରୁ ପାଠ ପଢ଼ା ମାଗଣାରେ ହୋଇଯାଉଛି। ହେଲେ ହଷ୍ଟେଲରେ ମାସ ମାସ ଧରି ଖାଇବା ଖର୍ଚ୍ଚ ବାବଦକୁ ଫି ଟଙ୍କା ଦେଇ ନ ପାରିବାରୁ ହଷ୍ଟେଲ କର୍ତ୍ତୃପକ୍ଷ ଖାଇବାକୁ ଦେବା ବନ୍ଦ କରି ଦେଇଥିବାରୁ ସେ ଭୋକ ଉପାସରେ ରହିବାକୁ ପଡୁଛି ବୋଲି କୁଶ କହିଛନ୍ତି। କେତେ ବେଳେ ଧାର ଉଧାର କରି ଚୁଡ଼ା ମୁଢ଼ି କିଣି ଖାଉଥିବା ବେଳେ କିଛି ନମିଳିଲେ ରାତିରେ ପାଣି ପିଇ ଶୋଇ ଯାଉଥିବା ମଧ୍ୟ ସେ କୁହନ୍ତି। କୁଶ ଜଣେ ମେଧାବି ଛାତ୍ର ଅଟନ୍ତି। କୁଶ ସୋନପୁର ଜିଲ୍ଲା ତେଲିମାଲ ଗ୍ରାମର। ହାଇସ୍କୁଲ ପଢୁଥିବା ସମୟରେ ବାପା ମାଆଙ୍କ ମୃତ୍ୟୁ ଘଟିଥିଲା। ଫଳରେ ପାଠ ପଢ଼ାରେ ଡୋରି ଲାଗିଥିଲା। ପରେ ଡିସ୍‌ଷ୍ଟେନ୍ସ ବୋର୍ଡ ପରୀକ୍ଷା ଦେଇ ମାଟ୍ରିକ ପାସ କରିଥିଲେ। ଏହା ପରେ ବିରମହାରାଜପୁର କଲେଜରେ କଳାରେ ଭଲ ନମ୍ବର ରଖି ବିଏ ପାସ କରିଥିଲେ। ଚଳିତ ଶିକ୍ଷା ବର୍ଷରୁ ବିଇଡି କଲେଜରେ



ବହୁ କଷ୍ଟରେ ଆଡମିସନ ଫି ୭ ହଜାର ୮ ଶହ ଟଙ୍କା ଦେଇ ନାମ ଲେଖାଇଛନ୍ତି। ଅଗଷ୍ଟ ମାସରୁ ହଷ୍ଟେଲରେ ନାମ ଲେଖାଇଥିଲେ। ହେଲେ ହଷ୍ଟେଲ ଫି ଆଉ ଦେଇ ପାରୁ ନାହାନ୍ତି। ଏବେ ଏହି ଫି ପରିମାଣ ୧୨ ହଜାର ୫ ଶହ ଟଙ୍କା ହେଲାଣି।ଫି ଦେବା ପାଇଁ ହାତରେ ତାଙ୍କର ଟଙ୍କାଟିଏ ମଧ୍ୟ ନାହିଁ। ମାସ ମାସ ବିତିଯିବା ପରେ ମଧ୍ୟ ହଷ୍ଟେଲ ଫି ନଦେବାରୁ ହଷ୍ଟେଲ ପକ୍ଷରୁ ଟଙ୍କା ଜମା କରିବାକୁ କୁହାଯାଇଥିଲା। ହେଲେ ଟଙ୍କା ଜମା କରି ପାରି ନାହାନ୍ତି। ଏନେଇ କଲେଜ ଅଧ୍ୟକ୍ଷଙ୍କୁ ମଧ୍ୟ ସେ ଜଣାଇଥିଲେ। ଘରୋଇ ସଂସ୍ଥା ହଷ୍ଟେଲର ଖାଇବା ଦାୟିତ୍ୱ ନେଇଥିବାରୁ ସମ୍ପୂର୍ଣ୍ଣ ଫି ଛାଡ କରିବା ସମ୍ଭବ ନୁହେଁ ବୋଲି ଅଧ୍ୟକ୍ଷ ତାଙ୍କୁ କହିଥିଲେ। ଫି ଟଙ୍କା ଦେବାକୁ କୁଶ ସମ୍ପୂର୍ଣ୍ଣ ଅସମର୍ଥ ଅଟନ୍ତି। ପରିବାର ପରିଜନ ମଧ୍ୟ ତାଙ୍କୁ ସାହାଯ୍ୟ କରିବାକୁ ନାହାନ୍ତି। ସାଙ୍ଗ ସାଥି ଓ ସହୃଦୟ ବ୍ୟକ୍ତି ସହଯୋଗରେ ସେ ଏତେ ବାଟ ଆସି ଥିବାରୁ ସବୁବେଳେ ସହଯୋଗ ନେବା ତାଙ୍କୁ ଭଲ ଲାଗୁ ନାହିଁ ବୋଲି କୁଶ କୁହନ୍ତି। ଆଗକୁ ଆହୁରି ୩ ବର୍ଷ ପାଠ୍ୟକ୍ରମ ରହିଛି। ଏବେ ପ୍ରଥମ ବର୍ଷ ପରୀକ୍ଷା ମଧ୍ୟ ହୋଇ ନାହିଁ। ଦୃଷ୍ଟିହୀନ ପରିଚୟ ପତ୍ର ଅଛି। ମିଳୁଥିବା ୫ ଶହ ଟଙ୍କା ଭତ୍ତା କପଡ଼ାଲତା ଓ ଅନ୍ୟ ଖର୍ଚ୍ଚକୁ ଅଣ୍ଟୁନି। ପାଠ ପଢ଼ିବା ପାଇଁ ଅନେକ ଯୋଜନା ରହିଥିବା ବେଳେ କୁଶ କୌଣସି ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି। ଯଦି କୌଣସି ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ କୁଶଙ୍କୁ ସହଯୋଗର ହାତ ବଢ଼ାନ୍ତେ ତେବେ ସେ ବିଇଡି ଶିକ୍ଷା ସମ୍ପୂର୍ଣ୍ଣ କରିବା ସହିତ ଜଣେ ଆଦର୍ଶ ଶିକ୍ଷକ ହେବାର ତାଙ୍କ ସ୍ୱପ୍ନ ସାକାର ହୋଇ ପାରନ୍ତା।

**■ ଷ୍ଟାଡିୟମର ବିକାଶ ପାଇଁ ଉଦ୍ୟମ ଆରମ୍ଭ**

# ବିଭିନ୍ନ ଅଫିସକୁ ସ୍ଥାନାନ୍ତର ନିର୍ଦ୍ଦେଶ

**ସମ୍ବଲପୁର, ୫।୩(ସମିସ):** ୫ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଗସ୍ତରେ ଆସି ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଭିତ୍ତିଭୂମି ବିକାଶ ସହ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମି ପାଇଁ ୩୫୦କୋଟି ଅନୁଦାନ ଘୋଷଣା କରିଥିଲେ। ଏହା ପରେ ପ୍ରଶାସନ ପକ୍ଷରୁ ପକ୍ରିୟା ଆରମ୍ଭ ହୋଇଯାଇଛି। ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଏଡିଏମ ଅଜାମ୍ବର ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶାନ୍ତ ସାହୁଙ୍କ ସମେତ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ସୁନୀଲ ସାହୁ ଓ କର୍ମକର୍ତ୍ତା ଷ୍ଟାଡିୟମର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ। ପରେ ପିଏଚଡି ଅଫିସ, ଏନସିସି ଅଫିସକୁ ପରିଦର୍ଶନ କରି ଏହି ଅଫିସ ଗୁଡ଼ିକୁ ଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା କାଲି ସୁଦ୍ଧା ପିଏଚଡି ଅଫିସ ସ୍ଥାନାନ୍ତରିତ ହୋଇଯିବ ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟଯେ, ଜାନୁଆରୀ ମାସ ୧୧ ତାରିଖ ୫ ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭିଏସଏସ ଷ୍ଟାଡିୟମ ଆସିଥିଲେ। କ୍ରିକେଟ ଖେଳିବା ସହ ଭିତ୍ତିଭୂମିର ବିକାଶ ପାଇଁ ଅନୁଦାନ ଘୋଷଣା କରିଥିଲେ। ଷ୍ଟାଡିୟମ୍ ପାର୍ଶ୍ୱରେ ଜନସ୍ୱାସ୍ଥ୍ୟ ବିଭାଗ, ଭିଜିଲାନ୍ସ ଅଫିସ ସହିତ ଅନ୍ୟାନ୍ୟ ଅଫିସ୍ ରହିଛି। ଏହାସହ ସ୍କୁଲ ଓ ସରକାରୀ କ୍ୱାଟର୍ସ ଗୁଡ଼ିକ ମଧ୍ୟ ରହିଛି। ଷ୍ଟାଡିୟମ୍‌ର ନକ୍ସା ଅନୁଯାୟୀ ଚତୁଃପାର୍ଶ୍ୱରେ ଜମିର ଆବଶ୍ୟକତା ପଡ଼ିବ। ଗ୍ୟାଲେରୀ, ଲାଇଟ୍, ପଡ଼ିଆ, ପାର୍ଟି, ଜିମ୍ ଭଳି ସମସ୍ତ ସୁବିଧା ରହିବ ବୋଲି ଆଶା କରାଯାଉଛି। ଷ୍ଟାଡିୟମ ନାମରେ ୯ ଏକର ଜମି ରହିଛି। ହେଲେ ଦୁଇଗୋଟି ସରକାରୀ ଅଫିସକୁ ପରେ ଜମି ଦିଆଯାଇଥିଲା। ଏହାସହ କିଛି ଜବରଦଖଲ କରାଯାଇଛି। ଏହାକୁ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି।



## ବିଦେଶୀ ମଦ ଜବତ, ଦୁଇ ଗିରଫ

**ରେଢ଼ାଖୋଲ, ୫।୩ (ଇମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଲୁହାପଙ୍କ ଗ୍ରାମ ପଞ୍ଚାୟତ ବୈଷ୍ଣବଝୁଲି ଗାଁରେ ଜଣେ ବ୍ୟକ୍ତି ବିଦେଶୀ ମଦ ବିକ୍ରୟ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଜଣକ ହେଲେ ପବିତ୍ର ସାହୁ (୫୫)। ଠିକ୍ ସେହିପରି ରେଢ଼ାଖୋଲ ଥାନା ଅନ୍ତର୍ଗତ ତ୍ରିବଣପୁର ପଞ୍ଚାୟତ ଖଣ୍ଡାମ ଗ୍ରାମରେ ବିଦେଶୀ ମଦ ବିକ୍ରୟ ପାଇଁ ରଖିଥିବା ବେଳେ ସେଠାରେ ମଧ୍ୟ ପୁଲିସ ଚଢ଼ାଉ କରି ଆଉ ଜଣେ ଯୁବକ ସୁରେନ୍ଦ୍ର ନାଏକ (୩୫)କୁ ଗିରଫ କରିଛି। ପବିତ୍ର ସାହୁ ଠାରୁ ୨୫ ଟି କିଙ୍ଗ ଫିସର୍ ବିଅର ଜବତ ହୋଇଥିବା ବେଳେ ଅଭିଯୁକ୍ତ ସୁରେନ୍ଦ୍ର ନାଏକ ଠାରୁ ୨୬ ଟି ବିଅର, ହୁଇସ୍କି ଓ ରମ୍ ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଏସଡିପିଓ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇଛନ୍ତି।

## କାନ୍ଥ ପଡ଼ି ଯୁବକର ଗୋଡ଼ ଭାଙ୍ଗିଲା

**କୁଚିଣ୍ଡା, ୫।୩ (ସମିସ) :** କୁଚିଣ୍ଡା ଥାନା ଅନ୍ତର୍ଗତ ଖଣ୍ଡୋକଟା ଗ୍ରାମର ମଙ୍ଗଳବାର ସକାଳୁ ବଡ଼ଭାଇ ର ମାଟି କାନ୍ଥ କୁ ଭାଙ୍ଗି ସିମେଣ୍ଟ କାନ୍ଥ ନିର୍ମାଣ କରିବା ପାଇଁ ସନ୍ତୋଷ କାଲୋ ଙ୍କ ପୁଅ ମନୋଜ କାଲୋ (୩୫) କାନ୍ଥ ଭାଙ୍ଗୁଥିବା ବେଳେ ମାଟି କାନ୍ଥ ପଡ଼ିଯିବାରୁ ଗୋଡ଼ ଟି ଭାଙ୍ଗି ଯିବା ସହ କ୍ଷତାକ୍ତ ହୋଇ ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନା କୁ ଆଣିଥିଲେ। କୁଚିଣ୍ଡା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

## ବିଜୁ ଜୟନ୍ତୀରେ ରକ୍ତଦାନ

ସମ୍ବଲପୁର, ୫।୩ (ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଅବସରରେ ଗ୍ରୀନ ଆସୋସିଏସନ ରେଙ୍ଗାଲି ଓ ନେତାଜୀ କ୍ଲବ ପକ୍ଷରୁ ଜମାଦାରପାଲିଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରରେ ସର୍ବମୋଟ ୧୦୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଗତ ବର୍ଷ ମଧ୍ୟ ୧୦୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ନେଇ ଆୟୋଜକ ମାନେ ସୂଚନା ଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ଗ୍ରୀନ ଆସୋସିଏସନ ତରଫରୁ ରେଙ୍ଗାଲି ସରପଞ୍ଚ ସଂଘ ସଭାପତି ଚିତ୍ତରଞ୍ଜନ ବାଗ୍, ମିଥୁନ ହୋତା, ଜମାଦାରପାଲିର ସନତ ବାର୍ଲା, ସହଦେବ ଓରାମ, ଜୁଗଲ ବନଛୋର, ଚିତ୍ତରଞ୍ଜନ ଭୋଇ, ସୁବ୍ରତ ପ୍ରଧାନ, ସୁରଜ ଛତ୍ରିଆ, ଓକିଲ ସେଖ, ପୁଲସ୍ତି ଜଗଦଲ୍ଲା, ସନ୍ତୋଷ ସୁନା, ଅଶୋକ ସିକନ୍ଦର, ରାଜା ଯୋଗୀ, ରିଙ୍କୁ ମିର୍ଦ୍ଧା, ଦୀପକ ନାଏକ, ରାଜା ସିକନ୍ଦର, ଚୁଡ଼ାମଣି ପୋଡ଼, ଗଣେଷ ମିର୍ଦ୍ଧା ଓ ସ୍ଥାନୀୟ ଯୁବକମାନେ ସହଯୋଗ କରିଥିଲେ।




## ବଡ଼ତୁରାଙ୍ଗରେ ବିଜେଡିର ସାଧାରଣ ସଭା

**ଯୁଯୁମୁରା, ୫।୩ (ସମିସ):** ଯୁଯୁମୁରା ବ୍ଲକ ବାହାମ ବଡ଼ତୁରାଙ୍ଗରେ ବିଜେଡିର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ବଡ଼ତୁରାଙ୍ଗ ଠାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ କେନ୍ଦୁପତ୍ର ୱେଲଫେୟାର ବୋର୍ଡ଼ ଉପଦେଷ୍ଟା ସଞ୍ଜିତ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପଞ୍ଚାୟତିରାଜ ଦିବସ ଓ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ବିଜୁ ବାବୁ ଙ୍କ ସ୍ମୃତି ଚାରଣ କରିଥିଲେ। ସମାଜ ଗଠନରେ ମହିଳା ମାନଙ୍କ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ଏହି ବାହାମ ଗ୍ରାମ ପଞ୍ଚାୟତରେ ଅନେକ ବିଡ଼ି ଶ୍ରମିକ ଏବଂ ବୁଣାକାର ରହୁଥିବା ବେଳେ ସେମାନଙ୍କ ବିଭିନ୍ନ ସମସ୍ୟା ଓ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଗାଁ ପରିକ୍ରମା କରାଯାଇ ଥିଲା। ଆଜିର ଏହି ସଭାରେ ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ଧିରେନ ଦେବତା, ସାଧାରଣ ସମ୍ପାଦକ ଦୂର୍ଯ୍ୟ ମହାନ୍ତି, ଯୁବ ବିଜେଡ଼ି ସମ୍ପାଦକ ମଣ୍ଟୁ ମହାନ୍ତି, ବିଜେଡ଼ି ଯୁବ ଉପସଭାପତି ସୁମିତ ପଟେଲ, ଯୁବ ସାଧାରଣ ସମ୍ପାଦକ ରୂପେଶ ପାତ୍ର, ଛାତ୍ର ବିଜେଡ଼ି ସାଧାରଣ ସମ୍ପାଦକ ଅମରେଶ ସାମଲ, ଛାତ୍ର ବିଜେଡ଼ି ଚୁମନ ପ୍ରଧାନ, ଅଭିଲାଷ ପଣ୍ଡା, ଖିତି ମେହେର, ସୁଶାନ୍ତ ମହାନନ୍ଦ, ସଞ୍ଜୀବ ଭୋଇ, କୃପତି ପ୍ରଧାନ, ଶିବ ମେହେର, ଦାମୋଦର ମେହେର, କୈବଲ୍ୟ ପ୍ରଧାନ, ମୁନା ମହାନନ୍ଦ, ସୁଦିପ ଭୋଏ, ଶଙ୍କର ନାୟକ, ଅର୍ଜୁନ୍ ବହିଦାର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ତୁରାଙ୍ଗ ଯୁବକ ସଂଘ ପକ୍ଷରୁ ସଭା ଆୟୋଜନ କରାଯାଇଥିଲା।



## ଭାଲୁପାଲି ବିଜେଡି କାର୍ଯ୍ୟାଳୟରେ ଜୟନ୍ତୀ

**ମାନେଶ୍ୱର, ୫।୩(ସମିସ)** ଭାଲୁପାଲି ସ୍ଥିତ ବିଜୁ ଜନତା ଦଳର କାର୍ଯ୍ୟାଳୟରେ ୧୦୮ ତମ ବିଜୁ ପଟ୍ଟନାୟକ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ବିଜୁ ପ୍ରେମୀ, ନେତ, କର୍ମୀ, ସରପଞ୍ଚ, ସମିତି ସଭ୍ୟ ଜିଲ୍ଲା ପରିଷଦ ସଦସ୍ୟ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ରମେଶ ପଟୁଆ ସଭାପତିତ୍ୱ କରିଥିଲେ। ସମ୍ବଲପୁର ଓ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ସୌଭାଗ୍ୟ କୁମାର ନାୟକ, ଅଭିଷେକ ଜଗତ, ଏମ. ବି. ସତ୍ୟମ୍ (ଜଟିଆ), ଜଗନ୍ନାଥ ତ୍ରିପାଠୀ, ମୋତିଲାଲ ତନ୍ତୀ, ସ୍ୱାଗତ ନାୟକ, ଆର୍ତ୍ତତ୍ରାଣ ବାଗ, ଜଗନ୍ନାଥ ନାଥ, ଶାନ୍ତନୁ ନାଥ, ରାଜେନ୍ଦ୍ର ଧର, ଟିଙ୍କୁ ପଟ୍ଟନାୟକ, ଗୁରୁ ମହାନନ୍ଦ, ଗୋପିରଞ୍ଜନ ବେହେରା, ରାଜେଶ ପ୍ରଧାନ, ପ୍ରଶାନ୍ତ ରାଜହଂସ, ସୁନିଲ ନାୟକ, ଦେନାରାୟଣ ତିୱାରୀ, ସୁରଜା ସେଠ୍, ସୁଦର୍ଶନ ହରିପାଲ, ଗୋପାଳ ଅଗ୍ରୱାଲ, ଭରତ ହଳଦିଆ, ଦେବ ରଞ୍ଜନ ଧର, ଅନିତା ଓରାମ, ଅମରଲତା ବେହେରା, ରୁପାଞ୍ଜଳି ରଣବିଡ଼ା, ବୃନ୍ଦା କଟା ବନ୍ଦିତାରାଣୀ ମିଶ୍ର, ମହିଳା ପର୍ଯ୍ୟବେକ୍ଷକ ମିନତୀ ଦେବତା, ଫଣିନ୍ଦ୍ର ପଟ୍ଟନାୟକ, ଶ୍ରୀବତ୍ସ ମେହେର, ଯତୀନ୍ଦ୍ର ସାହୁ, ଦିଲ୍ଲୀପ ବଡେଇ, ଦିଲ୍ଲୀପ ପ୍ରଧାନ, ସୁମନ୍ତ ସେଠ, ସୁମନ ନାଥ, ଦୀପକ ପୂଝାରୀ ଇତ୍ୟାଦି ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।



## ଦେହୁରିସାହିରେ ବିଜୁ ଜୟନ୍ତୀ ପାଳିତ

**ରେଢ଼ାଖୋଲ, ୫।୩ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସ୍ଥାନୀୟ ଦେହୁରୀ ସାହି ସ୍ଥିତ ବିଜେଡି କାର୍ଯ୍ୟଳୟରେ ରେଢ଼ାଖୋଲ ବିଜେଡି ନଗର ସଭାପତି ସିଦ୍ଧାର୍ଥ ପ୍ରଧାନଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଅନାଦି ସାହୁ, ଟିଟୁ ଦେହୁରୀ, କାଉନସିଲର ସୁଧାଂଶୁ ଅମାତ, ତପସ୍ୱିନୀ ଦେହୁରୀ, ସୋନପ୍ରଭା ପ୍ରଧାନ ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ନନ୍ଦୁ ମିରି, କ୍ଷିରୋଦ ପ୍ରଧାନ, ପୂର୍ଣ୍ଣ ପ୍ରଧାନ, ରାଜୁ ମୁଖୀ, କୁନା ପ୍ରଧାନ ପ୍ରମୁଖ ଥିଲେ।

## ରେଙ୍ଗାଲି ବିଜେଡି କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ

**ରେଙ୍ଗାଲି, ୫।୩ (ସମିସ) :** ରେଙ୍ଗାଲି ବ୍ଲକ ରେଙ୍ଗାଲି ବିଜେଡି କାର୍ଯ୍ୟାଳୟ ଠାରେ ୧୦୮ ତମ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା। ଜନସେବା, ଲୋକଙ୍କ ଉନ୍ନତି, ଗ୍ରାମ ରୁ ସହର ପର୍ଯ୍ୟନ୍ତ ଉନ୍ନତିକରଣ, ନାରୀ ଶକ୍ତି କୁ ସୁଦୃଢ଼ ଆଦି ବିଜୁ ଜନତା ଦଳର ମୂଳ ଲକ୍ଷ୍ୟ ବୋଲି ବକ୍ତାମାନେ କହିଥିଲେ। ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ରେଙ୍ଗାଲି ବ୍ଲକ ସଭାପତି ଅଶୋକ ଗୁରୁ, ମହେନ୍ଦ୍ର ଓରାମ, ମୋତିଲାଲ ତନ୍ତୀ, ପୂର୍ବତନ ବିଧାୟକ ରମେଶ ପଟୁଆ, ଇଂ ଗାନ୍ଧୀ ବେହେରା, ଜିତେନ୍ଦ୍ର ପ୍ରସାଦ ପଣ୍ଡା, ରେଙ୍ଗାଲି ଯୋନ୧ ଜିଲ୍ଲା ପରିଷଦ ସଭ୍ୟ ଚୋଳଶ୍ରୀ ମହାନନ୍ଦ, ବିଶ୍ୱକେଶନ ବିଶ୍ୱାଳ, ଶଶି ଭୂଷଣ ସାହୁ, ଜୟଦରଥ ବିଶ୍ୱାଳ, ସୁବାସ ସିଂ, ନାରାୟଣ ଶର୍ମା, ଦୟାନିଧି ଭଇଁସାଳ, ମୁରାରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପାଞ୍ଚଫୁଟ ହାଇସ୍କୁଲରେ ପଞ୍ଚାୟତିରାଜ ଦିବସ

**ମାନେଶ୍ୱର, ୫।୩(ସମିସ):** ମାନେଶ୍ୱର ବ୍ଲକର ପାଞ୍ଚଫୁଟ ଉଚ୍ଚ ବିଦ୍ୟାଳୟରେ ପଞ୍ଚାୟତିରାଜ ଦିବସ ଓ ବିଜୁ ପଟ୍ଟନାୟକ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶତାବ୍ଦୀର ମହାନାୟକ ଭୂମିପୁତ୍ର ବିଜୁପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ବରିଷ୍ଠ ଶିକ୍ଷକ ମଧୁସୂଦନ ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ତନସନା ବିଜୁପଟ୍ଟନାୟକଙ୍କ ଜୀବନୀ ଓ ପଞ୍ଚାୟତିରାଜ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ପ୍ରଧାନ ଶିକ୍ଷକ ପଞ୍ଚାୟତିରାଜ ଭାରତର ଗଣତନ୍ତ୍ରକୁ ସୁଦୃଢ କରିଛି ବୋଲି କହିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ହରିପ୍ରିୟା ବେହେରା, ସିମରନ ବେହେରା, ତପସ୍ୱିନୀ ଛୁରିଆ ବିଜୁପଟ୍ଟନାୟକଙ୍କ ଗୁଣାବଳି ବର୍ଣ୍ଣନା କରି ତାଙ୍କ ଆର୍ଦଶ ଅନୁସରଣ କରିବେ ବୋଲି କହିଥିଲେ। ଶିକ୍ଷକ ସତ୍ୟଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ସାଫଲ୍ୟ ମଣ୍ଡିତ କରିବାରେ ଶିକ୍ଷକ ସୀତାରାମ ସାହୁ, ସଦାଶିବ ପାଣ୍ଡେ, ସୁଜିତ ଭୋଇ, ଭଗବାନ ଝାଙ୍କର, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଭୋଇ ସହଯୋଗ କରିଥିଲେ।




## ଜମନକିରାରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ

**ଜମନକିରା, ୫।୩(ସମିସ):** ଜମନକିରା ବ୍ଲକ ସଦର ମହକୁମା ଠାରେ ଜମନକିରା ବ୍ଲକ ସଭାପତି ଆଦି ପ୍ରସାଦ ମହାକୁଲଙ୍କ ଅଧ୍ୟକ୍ଷତାରେ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷ ଶୋଭାରମ ପ୍ରଧାନ, ଯୋନ ୧ ଜିଲ୍ଲା ପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ, ନବୀନ ପଟେଲ, ମିଳନ ଖୁଣ୍ଟିଆ, ରାଜୀବ ନାଏକ, ଆଇନଜୀବୀ ସନ୍ତୋଷ ସାହୁ, ସମେତ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଜୁବାବୁଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ କରାଯାଇଥିଲା। ସୁଜାତା ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।



## କୁଚିଣ୍ଡାରେ ବିଜୁ ଜୟନ୍ତୀ ପାଳିତ

**କୁଚିଣ୍ଡା, ୫।୩ (ସମିସ):** କୁଚିଣ୍ଡା ଟାଉନହଲ ଠାରେ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। କୁଚିଣ୍ଡା ନଗର ସଭାପତି ନବୀନ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ କୁଚିଣ୍ଡା ଏନଏସି ନଗରପାଳ ପ୍ରଦ୍ୟୁତ କୁମାର ମହାନ୍ତି, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ସଭ୍ୟ ଜନ୍ମଜୟ ଟପ୍ପୋ, ବରିଷ୍ଠ ସଦସ୍ୟ ଗଗନ ଶର୍ମା, ଗଣେଷ ଅଗ୍ରୱାଲ, ଏନଏସି ଉପାଧ୍ୟକ୍ଷ ଦେବଜାନୀ କାଲୋ, ପର୍ଯ୍ୟବେକ୍ଷକ ମୁକୁ ପଧାନ, ଦେବାଶିଷ ପାତ୍ର, ଏଡଭୋକେଟ ରବିନାରାୟଣ ନାୟକ, ବରଦା ଶର୍ମା, ଧିରେନ୍ଦ୍ର ମହାନ୍ତି, ନଗର ଯୁବ ସଭାପତି ବିଜୁ ସାହୁ, ଏନଏସି କାଉନସିଲର, ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ କୁଚିଣ୍ଡା ବିଜୁ ପାଠାଗାର ସମ୍ମୁଖରେ ଥିବା ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଏକ ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ। କୁଚିଣ୍ଡା ବିଧାୟକ କିଶୋର ନାଏକ, ଏନଏସି ଅଧ୍ୟକ୍ଷ ଶ୍ରୀ ମହାନ୍ତି, ନଗର ସଭାପତି ନବୀନ ହୋତା, ଯୁବ ବିଜେଡି ସଭାପତି ବିଜୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରେ କୁଚିଣ୍ଡା ଡାକ୍ତରଖାନା ରେ ଫଳମୂଳ ବଣ୍ଟନ କରା ଯାଇଥିଲା



**ଅବାଧରେ ବୁଲୁଛନ୍ତି ରାଜ୍ୟ ବାହାରର ଅପରାଧୀ**

# ସହରରୁ କାବୁ ହେଲେ ୨ ସନ୍ଦିଗ୍ଧ ବନ୍ଧୁକଧାରୀ, ମୁହଁ ଖୋଲୁନି ପୁଲିସ

ସମ୍ବଲପୁର, ୫।୩ (ସମିସ)

ରାଜ୍ୟବାହାର ଡକାୟତ, କୁଖ୍ୟାତ ଅପରାଧୀ ତଥା ସାଇବର ଅପରାଧୀଙ୍କ ଚରାଭୂଇଁ ପାଲଟିଛି ସମ୍ବଲପୁର। ବଢ଼ିଛି ଅପରାଧ ସଂଖ୍ୟା, ଧିମେଇ ଯାଇଛି ଅପରାଧୀ ଦମନ କାର୍ଯ୍ୟକଳାପ। ଅପରାଧ ଘଟାଇ ନିମିଷକେ ରାଜ୍ୟ ବାହାରକୁ ଫେରାର ମାରୁଛନ୍ତି ଅପରାଧୀ। ପୁଲିସର ଅପାରଗତା ଓ ଅବହେଳା ଯୋଗୁଁ ଅପରାଧ ଘଟାଇ ଦୁର୍ଦ୍ଦାନ୍ତ ଅପରାଧୀ ଫେରାର ମାରିବାରେ ସକ୍ଷମ ହେଉଛନ୍ତି। ନିଜ ସମ୍ମାନ ଓ ବଦନାମ ଭୟରେ ପୁଲିସ ଟିମ ଗଠନ କରି ରାଜ୍ୟ ବାହାରକୁ ଯାଉଛି ସତ ହେଲେ ଖାଲି ହାତରେ ଫେରୁଛି। ଏହା ସହ ଶୀଘ୍ର ଘଟଣାର ପର୍ଦାଫାସ ହେବ, ତଥ୍ୟ ପ୍ରମାଣ ସଂଗ୍ରହ କରାଯାଉଛି ଏଭଳି ଅନେକ ଆଇ ମାଁ ଗପ କହି ଚାଲିଛି ସମ୍ବଲପୁର ପୁଲିସ। ଯଦି କେଉଁଠି ଚଡଉ କରୁଛି କିମ୍ବା ଛୋଟ ବଡ ଘଟଣାରେ ସଫଳତା ମିଳୁଛି ତାହା ହେଲେ ମାମଲାର ସଠିକ ସୂଚନା ମଧ୍ୟ ଦେବାକୁ କୁଣ୍ଠୁ କୁଣ୍ଠୁ ହେଉଛି। ପୁଲିସ ଜନସମ୍ପର୍କ ରହୁନାହିଁ। ତେଣୁ କରି ଅପରାଧ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଆଜି ଧନୁପାଲି ଛକରେ ପୁଲିସ ଟିମ ରାଜ୍ୟ ବାହାର ଦୁର୍ବୃତ୍ତଙ୍କୁ ଧରିଥିବା ନେଇ ସ୍ଥାନୀୟ ଲୋକମାନେ କହୁଛନ୍ତି। ସେମାନଙ୍କ ନିକଟରୁ ଦୁଇଟି ବନ୍ଧୁକ ମଧ୍ୟ ଜବତ କରିଥିବା ଆଲୋଚନା ହେଉଛି। ଅପରାହ୍ନ ପ୍ରାୟ ୧୨ ଟା ସମୟରେ ଏହି ଘଟଣା ଘଟିଥିଲା। ଘଟଣା ସ୍ଥଳରେ ସଦର ଏସଡିପିଓ ତୋଫାନ ବାଗ, ଧନୁପାଲି ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ, ସଦର ଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ନେଇ ଲୋକେ କହୁଛନ୍ତି। ଏକ କାରରେ ଦୁର୍ବୃତ୍ତମାନେ ସମ୍ବଲପୁର ସହର ପଟକୁ ଆସୁଥିଲେ। ଏହି ସମୟରେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ଟିମ ଗାଡିକୁ ଅଟକ ରଖି ଯାଞ୍ଚ କରିଥିଲେ। ଗାଡି ଭିତରୁ ଦୁର୍ବୃତ୍ତମାନଙ୍କୁ ଓ ବନ୍ଧୁକ ଜବତ କରିଥିବା ନେଇ ଆଲୋଚନା ହେଉଛି। ଏହି ଘଟଣାକୁ ନେଇ ସଦର ଏସଡିପିଓ ତୋଫାନ ବାଗ କହିଛନ୍ତିଯେ, ସେଭଳି କିଛି ଘଟଣା ଘଟି ନାହିଁ। ସମ୍ବଲପୁର ପୁଲିସ ଧିରେ ଧିରେ ଜନ ସାଧାରଣଙ୍କ ଆସ୍ଥା ଭାଜନ ହୋଇ ପାରୁ ନାହିଁ। ବିଗତ କିଛି ମାସ ହେଲା ସହରରେ ଅପରାଧିକ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି। ହେଲେ ପୁଲିସ ବିଫଳତା ଓ ଅସହାୟ ଥିବା ଦେଖା ଦେଇଛି। ହୀରାକୁଦ ଥାନାର ବିଜେପି ନେତା ସୀମାଞ୍ଚଳ ଖଟେଇଙ୍କ ଘରୋଇ ସହାୟିକା ଶଶି ପାଗଡ଼ଙ୍କୁ ହତ୍ୟା କରି ଅର୍ଦ୍ଧନଗ୍ନ ଦରପୋଡା କରି ଫିଙ୍ଗି ଦିଆଯାଇଥିଲା। ଏହି ଅମାନୁଷିକ ହତ୍ୟାକାଣ୍ଡକୁ କିଛି ଦିନ ପରେ ଏକ ମାସ ପୂରିଯିବ। ହେଲେ ପୁଲିସ ଏହି ଘଟଣାର ପର୍ଦ୍ଦା ଫାଶ କରି ପାରି ନାହିଁ। ଅନ୍ଧାରରେ ବାଡି ବୁଲାଉଛି। ହତ୍ୟାକାଣ୍ଡ ଭଳି ଘଟଣାକୁ ପୁଲିସ ହାଲୁକା ଭାବେ ନେଉଛି ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ଧନୁପାଲି ଥାନା ପାୟଲ ସୁନା ଅଳଙ୍କାର ଦୋକାନୀ ସୁଜିତ ସ୍ୱର୍ଣ୍ଣକାରଙ୍କୁ ଡକାୟତି ବିଫଳ ହେବା ପରେ ଗୁଳିମାରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ବିହାର ସମସ୍ତିପୁର ସଞ୍ଜୟ ସାହା ଓ ବଲାଙ୍ଗୀରର ଟିକେଶ୍ୱର ସାହୁ ୨ ଜଣଙ୍କୁ ଗିରଫ କରିଥିବା ପ୍ରେସ ମିଟ କରି ଏସପି ମୁକେଶ ଭାମୁ ସୂଚନା ଦେଇଥିଲେ। ହେଲେ ଘଟଣାରେ ଅନ୍ୟ ୬ ଜଣ ଅଭିଯୁକ୍ତ ଫେରାର ଥିବା ମଧ୍ୟ କହିଥିଲେ। ଯଦି ରାଜ୍ୟ ବାହାର ବିହାରକୁ ଯାଇ ପୁଲିସ ଟିମ ସ୍ଥାନୀୟ ଟିମ ସହିତ ମିଶି ଡକାୟତ ଗ୍ୟାଙ୍ଗ ଉପରେ ଚଢାଉ କରିଥିଲା ଓ ମୁଖ୍ୟ ଅଭିଯୁକ୍ତ ସାହାଙ୍କୁ ଗିରଫ କରିପାରିଲା ତାହା ହେଲେ ଅନ୍ୟ ସହଯୋଗୀ କିପରି ଫେରାର ହୋଇଗଲେ ବୋଲି ଏବେ ବଡ ପ୍ରଶ୍ନ ହେଉଛି। ଏପରିକି ଏହି ଦୁଇଜଣ ଅଭିଯୁକ୍ତ ଅନ୍ୟ ଏକ ମାମଲାରେ ଗିରଫ ହୋଇଥିଲେ ଓ ପୁଲିସ ଡକାୟତି ଘଟଣା ଯୋଡି ଦେଇଥିବା ମଧ୍ୟ ଆଲୋଚନା ହେଉଛି। ଜବତ ହୋଇଥିବା ବେନଟେକ୍ସ ସାମଗ୍ରୀ, ୩ ବନ୍ଧୁକ, ଟଙ୍କା ଜବତ ହୋଇଥିଲା। ଏବେ ଆସ୍ଥା ଭାଜନ ହେବା ପାଇଁ କଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା। ହେଲେ ଯେଉଁ କିଛି ଅପରାଧି ଧରିବାରେ ପୁଲିସ ସଫଳ ହୋଇଛି ତାପଛରେ ଅନେକ କାହାଣୀ ରହିଥିବା ପୁଲିସ ମହଲରେ ଚର୍ଚ୍ଚା। କେଉଁଠି ନିଜକୁ ବଞ୍ଚାଇବା ପାଇଁ ପୁଲିସ କିଛି ଜାମୁକୋଳି ଗପ ତିଆରି କରିଥିବା ଚର୍ଚ୍ଚା ହେଉଛି। ଯାହା ଫଳରେ ପୁଲିସ ପ୍ରତି ଅପରାଧିଙ୍କର ଭୟ କମୁଥିବା ବେଳେ ପୁଲିସ ଉପରେ ଲୋକେ ଧିରେ ଧିରେ ଭରସା ତୁଟାଇବାରେ ଲାଗିଲେଣି। ଏପରିକି ଅପରାଧ ଘଟିଲେ ଇଆରଭି ଡାକିଲେ ଟାଉନ ଭିତରେ ଦେଢ ଘଣ୍ଟା ସମୟ ଲାଗୁଛି। ଏପରିକି ଥାନା ଅଧିକାରୀମାନେ ମଧ୍ୟ ସାଧାରଣ ଲୋକ ତ ଦୂରର କଥା ସାମ୍ବାଦିକଙ୍କ ଫୋନ ରିସିଭ କରୁ ନାହାନ୍ତି। ଥାନା ଅଧିକାରୀଙ୍କ କାର୍ଯ୍ୟକଳାପ ବାବଦରେ ଶୁଣିବାକୁ ଏସପିଙ୍କ ପାଖରେ ସମୟ ନାହିଁ। ଯାହା ଫଳରେ ସମ୍ବଲପୁର ପ୍ରତି ପୁଲିସ ବିଭାଗର ଉପରିସ୍ଥ ଅଧିକାରୀ ଧ୍ୟାନ ଦେବାର ସମୟ ଆସିଲାଣି।

**ଆନ୍ତଃରାଜ୍ୟ ଅପରାଧୀଙ୍କ ଚରାଭୂଇଁ ପାଲଟିଲାଣି ସହର**

